


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୨ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 MARCH 2025
Vol.No. 36 ■ No.58 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ମୁହାଁମୁହିଁ ଟ୍ରମ୍ପ-ଜେଲେନସ୍କି : ଯୁଦ୍ଧ ବିରତିକୁ ନେଇ ଦୁଇ ବିଶ୍ୱନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ

## ଜେଲେନସ୍କି ତୃତୀୟ ବିଶ୍ୱଯୁଦ୍ଧର ସୂତ୍ରଧର: ଟ୍ରମ୍ପ



କନକବ୍ୟୁରୋ , ୦୧/୩ (ନି.ପ୍ର): ମୁହାଁମୁହିଁ ଟ୍ରମ୍ପ-ଜେଲେନସ୍କି, ଯୁଦ୍ଧ ବିରତିକୁ ନେଇ ଦୁଇ ବିଶ୍ୱନେତାଙ୍କ ମଧ୍ୟରେ ବାକଯୁଦ୍ଧ। ଶୁକ୍ରବାର ହ୍ୱାଇଟ ହାଉସ ଓଭାଲ କାର୍ଯ୍ୟାଳୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କିଙ୍କ ସାକ୍ଷାତ ସମୟରେ ସାମ୍ନାକୁ ଆସିଛି ଏଭଳି ଦୃଶ୍ୟ। ରୁଷ ସହ ଅସ୍ତ୍ର ବିରତି ପ୍ରସ୍ତାବକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଦେଖିବାକୁ ମିଳିଛି, ଏପରି କି ତୁମେ ତୃତୀୟ ବିଶ୍ୱଯୁଦ୍ଧର ଜୁଆ ଖେଳୁଛ, ଯାହାର ପରିଣାମ ଭୟଙ୍କର ହେବ ବୋଲି ଜେଲେନସ୍କିଙ୍କୁ ଚେତାଇ ଦେଇଛନ୍ତି ଟ୍ରମ୍ପ । ୟୁକ୍ରେନବାସୀଙ୍କ ହିତ ଲାଗି ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧ ବନ୍ଦ ହେବାର ଆବଶ୍ୟକତା ରହିଛି, ଏଥିପାଇଁ ରୁଷ ସହ ବୁଝାମଣା କରିବାକୁ ଟ୍ରମ୍ପ ଦେଇଥିବା ପ୍ରସ୍ତାବକୁ ପ୍ରତ୍ୟଖାନ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ଟ୍ରମ୍ପଙ୍କ ସମ୍ମୁଖରେ ଜେଲେନସ୍କି ପୁଟିନଙ୍କୁ ଆତଙ୍କୀ କହିବା ସହ ଏଭଳି ହତ୍ୟାକାରୀଙ୍କ ସହ ଆପୋଷ ବୁଝାମଣା କରିବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ଯୁକ୍ତିତର୍କ ଭିତରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି। ଯୁଦ୍ଧ ରୋକିବା ସହ ଶାନ୍ତି ପାଇଁ ବୁଝାମଣା ହିଁ ଏକମାତ୍ର ଉପାୟ, ଆମେରିକାର ରାଷ୍ଟ୍ରମୁଖ୍ୟ ହିସାବରେ ଏହା ମୋର ଦାୟିତ୍ୱ । ଏହି ଯୁଦ୍ଧରେ ଆମେରିକାକୁ ଜଡ଼ିତ ହେବାର ନଥିଲା। ଯଦି ଆମେ ଏହି ଯୁଦ୍ଧରେ ସାମିଲ ହୋଇନଥାନ୍ତୁ, ତେବେ ଆଜି ଏପରି ସ୍ଥିତି ହୋଇନଥାନ୍ତା ବୋଲି ଟ୍ରମ୍ପ କହିବା ସହ ପୂର୍ବର ବାଇଡେନ୍ ପ୍ରଶାସନକୁ ଏଥିପାଇଁ ଦାୟୀ କରିଛନ୍ତି । ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବା ଉପରେ ଜୋର ଦେବା ସହ ଆମେରିକା ୟୁକ୍ରେନକୁ ଯୁଦ୍ଧ ପାଇଁ ସମର୍ଥନ କରିଥିବା ଅର୍ଥର ପୁନରୁଦ୍ଧାର ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଟ୍ରମ୍ପ । ଏହି ଭେଟଘାଟ ସମୟରେ କିଛି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୟୁକ୍ରେନର ଖଣିଜ ଶିଳ୍ପରେ ଆମେରିକାର ନିବେଶ ସହ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ମଧ୍ୟ କରାଯାଇଛି ।

## ପୁଣି ଖୋଲିଲା ନବ ଦାସ ଫାଇଲ



ଭୁବନେଶ୍ୱର, ୦୧/୩ (ନି.ପ୍ର): ପୁଣି ଖୋଲିଛି ନବ ଦାସ ଫାଇଲ। ନବଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କୁ ହାଜର ହେବା ପାଇଁ ନୋଟିସ୍ କରିଛି କ୍ରାଇମ୍‌ବ୍ରାଞ୍ଚ। ପୂର୍ବରୁ ଏମାନେ ବୟାନ ଦେଇସାରିଥିଲେ। ତେଣୁ ଏବେ ଏହି ଦୁଇଜଣ କଣ କହିବେ ତା ଉପରେ ସମସ୍ତଙ୍କ ନଜର ରହିଛି । ସେପଟେ ନୋଟିସ ପରେ ରାଜନୈତିକ ବୟାନବାଜି ବଢିଛି। ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ପୁଣି ତନାଘନା କରିବ କ୍ରାଇମ୍‌ବ୍ରାଞ୍ଚ। ମାମଲାରେ ନବଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କୁ ହାଜର ହେବା ପାଇଁ ନୋଟିସ୍ କରିଛି କ୍ରାଇମ୍‌ବ୍ରାଞ୍ଚ। ମାର୍ଚ୍ଚ ପ୍ରଥମ ସପ୍ତାହରେ କୌଣସି ଦିନ ହାଜର ହେବା ପାଇଁ ନୋଟିସ୍ କରାଯାଇଛି। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନେଇ କୌଣସି ଆପତ୍ତି ଥିଲେ ବା କିଛି ନୂଆ ତଥ୍ୟ ତଦନ୍ତକାରୀ ସଂସ୍ଥାକୁ ଜଣାଇପାରିବେ ବୋଲି କୁହାଯାଇଛି।

▶▶ପୃଷ୍ଠା ୭

## ମାର୍ଚ୍ଚ ଆରମ୍ଭରୁ ତାଉ ଦେଖାଇଲାଣି ତାତି: ୩୮ ଡିଗ୍ରୀ ଡେଇଁଲା ଝାରସୁଗୁଡା ତାପମାତ୍ରା

ଭୁବନେଶ୍ୱର, ୦୧/୩ (ନି.ପ୍ର): ମାର୍ଚ୍ଚ ଆରମ୍ଭରୁ ତାଉ ଦେଖାଇଲାଣି ତାତି । ସକାଳୁ ସକାଳୁ ଉପରମୁହାଁ ହେଉଛି ପାରଦ । ଝାରସୁଗୁଡ଼ାରେ ତାପମାତ୍ରା ୩୮ ଡିଗ୍ରୀ ଟପିଛି । ଆଜି ଝାରସୁଗୁଡ଼ା ତାପମାତ୍ରା ୩୮.୨ ଡିଗ୍ରୀ ରହିଥିବା ବେଳେ ଚଳିତ ବର୍ଷ ପ୍ରଥମ ଥର ରାଜ୍ୟରେ ପାରଦ ୩୮ ଟପିଛି । ସେହିଭଳି ସମ୍ବଲପୁର ତାପମାତ୍ରା ୩୬.୮ ଡିଗ୍ରୀ ରହିଛି। ତେବେ ମାର୍ଚ୍ଚରୁ ମେ' ମାସ ଯାଏଁ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରହିବ । କେବଳ ମାର୍ଚ୍ଚରେ ୨ରୁ ୩ ଦିନ ପର୍ଯ୍ୟନ୍ତ ହିଟ୍ ୱେଭ ଜାରି ରହିବ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଅସ୍ୱାଭାବିକ ଗରମ ସାଙ୍ଗକୁ ପୂର୍ବ ରେକର୍ଡ ଭାଙ୍ଗିପାରେ ପାରଦ ।

▶▶ପୃଷ୍ଠା ୭

## ପୁଣି ବିବାଦରେ ମାଟ୍ରିକ ପରୀକ୍ଷା: ପ୍ରଶ୍ନପତ୍ରରୁ ଗାଏବ ହୋଇଯାଇଛି ମାର୍କ




ଭୁବନେଶ୍ୱର, ୦୧/୩ (ନି.ପ୍ର): ପୁଣି ବିବାଦରେ ମାଟ୍ରିକ ପରୀକ୍ଷା। ଏଥର ପ୍ରଶ୍ନପତ୍ରରୁ ଗାଏବ ହୋଇଯାଇଛି ମାର୍କ। ବିଜ୍ଞାନ ସବଜେକ୍ଟିଭ ସି-ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କର କ୍ୟୋଶ୍ଚିନ୍ ମୁଦ୍ରଣ ହୋଇନି। ଯାହାଫଳରେ ପିଲାମାନେ ୪୬ ମାର୍କର ପରୀକ୍ଷା ଦେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଏପରି ଭୟଙ୍କର ତ୍ରୁଟିକୁ ବୋର୍ଡ ସଭାପତି ସ୍ୱୀକାର କରିବା ସହ ମୂଲ୍ୟାୟନ ବେଳେ କମିଟି ଏହା ଉପରେ ନଜର ଦେବ ବୋଲି କହିଛନ୍ତି। ମାଟ୍ରିକ ପରୀକ୍ଷାର ଚତୁର୍ଥ ଦିନରେ ଆଜି ଥିଲା ବିଜ୍ଞାନ ପରୀକ୍ଷା। ପିଲାମାନେ ପରୀକ୍ଷା ଦେଇ ସାଢେ ୧୧ଟାରେ କେନ୍ଦ୍ରରୁ ବାହାରିବା ପରେ ପଦାକୁ ଆସିଥିଲା ବୋର୍ଡର ଖାମଖିଆଲି।

▶▶ପୃଷ୍ଠା ୭

## ମନ୍ତ୍ରୀ ପଦକୁ ବିପଦ: ଖୁବଶୀଘ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳ ଚର୍ଚ୍ଚା: କାହାର କଟିବ, କାହାକୁ ମିଳିବ ?

ଭୁବନେଶ୍ୱର, ୦୧/୩ (ନି.ପ୍ର): ପୁଣି ବଢିଲା ମନ୍ତ୍ରୀମଣ୍ଡଳ ଅଦଳବଦଳ ଚର୍ଚ୍ଚା । ବିଧାନସଭା ଅଧିବେଶନ ପରେ ଏହି ଅଦଳବଦଳ ଓ ସଂପ୍ରସାରଣ ହୋଇପାରେ । କୁହାଯାଉଛି, ୨ରୁ ୩ ଜଣ ମନ୍ତ୍ରୀଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି । ଏମାନଙ୍କ ବିବାଦୀୟ ବୟାନ ଯୋଗୁଁ ସରକାର ଅଡୁଆରେ ପଡିଛନ୍ତି । ଏହଛଡ଼ା ମନ୍ତ୍ରୀଶୂନ୍ୟ ଥିବା ସଂସଦୀୟ କ୍ଷେତ୍ରକୁ ଗୁରୁତ୍ୱ ମିଳିପାରେ । ରାଜ୍ୟରେ ବିଜେପି ନେତାଙ୍କ ହୃଦସ୍ପନ୍ଦନ ଏବେ ବଢିଲାଣି । କାରଣ -ଖୁବଶୀଘ୍ର ରାଜ୍ୟ ମନ୍ତ୍ରୀମଣ୍ଡଳର ଅଦଳବଦଳ ଓ ସଂପ୍ରସାରଣ ହେବାକୁ ଯାଉଛି । ଏବେ ରାଜ୍ୟରେ ମୋହନ ମାଝୀ ସରକାରର ୬ ମନ୍ତ୍ରୀ ପଦ ଖାଲିପଡିଛି । ଜଣେ ଜଣେ ମନ୍ତ୍ରୀଙ୍କ ପାଖରେ ଏକାଧିକ ବିଭାଗ ରହିଛି । ତେଣୁ କାହାକୁ ବାଦ୍ ଦିଆଯିବ, କାହାକୁ ସାମିଲ କରାଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହେଲାଣି । କୁହାଯାଉଛି, ସବୁ ମନ୍ତ୍ରୀଙ୍କ ରିପୋର୍ଟକାର୍ଡ ଉପରେ ପିଏମଓର ନଜର ରହିଛି । ଆଉ ଏହି ରିପୋର୍ଟକାର୍ଡ ଆଧାରରେ ମନ୍ତ୍ରିମଣ୍ଡଳରେ କାହାକୁ ସାମିଲ କରାଯିବ ଓ କାହାକୁ ବାଦ ଦିଆଯିବ ସେ ନେଇ ନିଷ୍ପତ୍ତି ନେବ କେନ୍ଦ୍ରୀୟ ନେତୃତ୍ୱ । ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ବେଳେ କିଛି ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇପାରେ ଓ କିଛି ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇପାରେ । ଏହା ମନ୍ତ୍ରୀଙ୍କ ରିପୋର୍ଟକାର୍ଡ ଉପରେ ନିର୍ଭର କରୁଛି ।

▶▶ପୃଷ୍ଠା ୭

## ମଣିପୁର ପାଇଁ କେନ୍ଦ୍ର ସରକାରଙ୍କ ଆକ୍ସନ ପ୍ଲାନ: ମାର୍ଚ୍ଚ ୮ରୁ ଖୋଲାଯିବ ବନ୍ଦ ଥିବା ସମସ୍ତ ଅବରୋଧ ରାସ୍ତା

ନୂଆଦିଲ୍ଲୀ, ୦୧/୩ : ମଣିପୁର ପାଇଁ କେନ୍ଦ୍ର ସରକାରଙ୍କ ଆକ୍ସନ ପ୍ଲାନ। ଦୀର୍ଘ ଦୁଇବର୍ଷର ଅଧିମ ସମୟ ହେବ ରାଜ୍ୟର ସ୍ଥିତି କିଛି ଠିକ ନାହିଁ । ହିଂସା ଓ ଉତେଜନାରେ ଜର୍ଜରିତ ମଣିପୁରର ସ୍ଥିତିରେ ସୁଧାର ଆଣିବାକୁ ଆଜି କେନ୍ଦ୍ର ଗୃହମନ୍ତ୍ରୀ କିଛି ବଡ ନିଷ୍ପତି ଗ୍ରହଣ କରିଛନ୍ତି। ରାଜ୍ୟପାଳ ଅଜୟ କୁମାର ଭଲ୍ଲା, ସେନା ଓ ଅର୍ଦ୍ଧ ସାମରିକ ସହ ବୈଠକ କରି ଅମିତ ଶାହା ୫ଟି ଦିଗ ଉପରେ ଧ୍ୟାନ ଦେଇଛନ୍ତି । ମାର୍ଚ୍ଚ ୮ ସୁଦ୍ଧା ସବୁ ରାସ୍ତା ଖୋଲାଯିବ । ରାସ୍ତା ଅବରୋଧ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅର୍ନ୍ତଜାତୀୟ ସୀମା ଉପରେ କଡ଼ା ନଜର ରଖାଯିବ । ବାହାର ରାଜ୍ୟରୁ ଆସୁଥିବା ଯାନବାହାନ ଉପରେ କଡ଼ା ନଜର ରଖାଯିବ । ରାଜ୍ୟକୁ ନିଶାମୁକ୍ତ କରାଯିବ । ଲୁଟପାଟ ଅସ୍ତ୍ରଶସ୍ତ୍ର ଫେରାଇବାକୁ ନିର୍ଦ୍ଦେଶ ।

▶▶ପୃଷ୍ଠା ୭

## ମୁମ୍ବାଇରେ ବେଆଇନ ଭାବେ ରହୁଥିବା ୫ ବାଂଲାଦେଶୀ ନାଗରିକ ଗିରଫ

ମୁମ୍ବାଇ, ୦୧/୩: ଦକ୍ଷିଣ ମୁମ୍ବାଇର ଚିଂଚପୋକଲି ଅଂଚଳରେ ଥିବା ଏକ ଘରେ ପୋଲିସ ରେଡ୍ କରି ଏଠାରେ ବେଆଇନ ଭାବେ ରହୁଥିବା ବାଂଲାଦେଶର ୫ ନାଗରିକଙ୍କୁ ଗିରଫ କରିଛି । ଏଥିରେ ୪ଜଣ ମହିଳା ଓ ଜଣେ ମହିଳା ଅଛନ୍ତି । କାଳା ଚୌକି ପୋଲିସ ଏହି ମାମଲାର ଛାନଭିନ୍ କରୁଛି । ପୋଲିସ ଅଧିକାରୀ ଶନିବାର କହିଛନ୍ତି ଯେ, ପୋଲିସ ଚିଂଚପୋକଲି ଅଂଚଳରେ ଥିବା ଏକ ଘରେ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ପଦ ପାଇଁ ବଦଳୁଛି କି ଶିବକୁମାରଙ୍କ ମନ ?

### ପ୍ରୟାଗରାଜରେ ବୁଡ, ଶାହାଙ୍କ ସହ ଶିବରାତ୍ରୀରେ ସାମିଲ ପରେ ବଢ଼ିଲା ଚର୍ଚ୍ଚା



ନୂଆଦିଲ୍ଲୀ, ୦୧/୩ : କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମହାରାଷ୍ଟ୍ରର ଭଳି ଏକନାଥ ସିନ୍ଦେ ହୋଇ କଂଗ୍ରେସ ସରକାର ଭାଙ୍ଗିବ ବୋଲି ବିଜେପି ଭବିଷ୍ୟବାଣୀ କରିଛି । ଗତ କିଛି ଦିନ ଧରି ଡିକେଙ୍କ ସହ ବିଜେପିର ମିଳାମିଶା ନେଇ ଏଭଳି ଆକଳନ ଚାଲିଛି । ଏଭଳି ଭବିଷ୍ୟବାଣୀ କରି ରାଜନୈତିକ ମହଲରେ ଚହଳ ସୃଷ୍ଟି କରିଛନ୍ତି କର୍ଣ୍ଣାଟକ ବିରୋଧୀ ଦଳ ନେତା ଆର ଅଶୋକ । ଗତ କିଛି ଦିନ ଘଟଣାବଳୀକୁ ନେଇ ଏଭଳି ମତ ଦେଇଛନ୍ତିପ୍ରଦେଶ କଂଗ୍ରେସର ସଭାପତି ଥିବା ଡିକେ ଶିବକୁମାର ନିକଟରେ ମହାକୁମ୍ଭରେ ଯୋଗ ଦେଇଥିଲେ । ସେଠାରେ ବିଧି ସହାକାରରେ ପୂଜା କରିବା ସହ ଯୋଗୀ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବନ୍ଦୋବସ୍ତକୁ ପ୍ରଶଂସା କରିଥିଲେ । ଏହାଛଡା ତାମିଲନାଡୁର କୋଏମ୍ବାଟୁରରେ ସଦଗୁରୁଙ୍କ ଶିବରାତ୍ରୀ ମହୋତ୍ସବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଶିବକୁମାରଙ୍କ ଯୋଗଦାନକୁ ନେଇ କର୍ଣ୍ଣାଟକରେ ହଇଚଇ ସୃଷ୍ଟି ହୋଇଛି ।

▶▶ପୃଷ୍ଠା ୭

## ପର୍ଯ୍ୟଟନ ବିକାଶରେ ପାଣ୍ଡିଆନ କଣ୍ଟା: ନାଁ ନନେଇ ବର୍ଷିଲେ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, ୦୧/୩ (ନି.ପ୍ର): ପର୍ଯ୍ୟଟନ ବିକାଶରେ କିଏ ସାଜୁଛି କଣ୍ଟା । ଏଥିପାଇଁ ନାଁ ନ ନେଇ ପୂର୍ବତନ ଫାଇଭ-ଟି ଅଧକ୍ଷ ଭି.କେ.ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ପ୍ରଭାତୀ ପରିଡା କହିଛନ୍ତି, ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଆଗକୁ ବଢାଇବାକୁ ପୁରା ପ୍ରଶାସନିକ ବିଧି ବ୍ୟବସ୍ଥା ଲାଗିଯାଇଥିଲା । ପାଲଟା ଜବାବ ଦେଇ ବିଜେଡି କହିଛନ୍ତି, ସରକାର ଠିକ ଭାବେ କାମ କରିନପାରିବାରୁ ଏଭଳି ବୟାନବାଜି କରୁଛନ୍ତି । ବିଜେଡି ଅମଳରେ ପର୍ଯ୍ୟଟନର ପ୍ରଚାର ନୁହେଁ ପାଣ୍ଡିଆନଙ୍କ କଳେବର ବୃଦ୍ଧି ପାଇଁ ପାଣି ଭଳି ଖର୍ଚ୍ଚ ହେଉଥିଲା ଟଙ୍କା। ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଆଗକୁ ବଢାଇବାକୁ ଲାଗିଥିଲା ପୁରା ପ୍ରଶାସନିକ ବିଧି ବ୍ୟବସ୍ଥା। ଦଳୀୟ କର୍ମୀଙ୍କୁ ଶାଗମାଛ ଦରରେ ପର୍ଯ୍ୟଟନ ସ୍ଥଳୀକୁ ଟେକି ଦେଇଥିଲେ ତତ୍କାଳୀନ ନବୀନ ସରକାର। ନାଁ ନନେଇ କିଛି ଏଭଳି ଢଙ୍ଗରେ ପୂର୍ବତନ ଫାଇଭ-ଟି ଅଧକ୍ଷ ଭି.କେ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏବେ କୌଣସି ବ୍ୟକ୍ତିଙ୍କର ନୁହେଁ ପର୍ଯ୍ୟଟନ କ୍ଷେତ୍ରର ପ୍ରକୃତ ବିକାଶ କରାଯିବ, ନିବେଶକଙ୍କୁ ଆକୃଷ୍ଟ କରାଯିବ।

▶▶ପୃଷ୍ଠା ୭

## ଦିଲ୍ଲୀରେ ପୁରୁଣା ଗାଡ଼ିକୁ ମିଳିବନି ତେଲ ଏପ୍ରିଲ ପହିଲାରୁ ଲାଗୁ ହେବ ନିୟମ



ନୂଆଦିଲ୍ଲୀ, ୦୧/୩ : ବାୟୁ ପ୍ରଦୂଷଣ ରୋକିବାକୁ ସରକାର ବଡ଼ ନିଷ୍ପତ୍ତି। ଦିଲ୍ଲୀରେ ନୂଆ କରି କ୍ଷମତାକୁ ଆସିଥିବା ବିଜେପି ସରକାର ଗାଡ଼ି ଜନିତ ପ୍ରଦୂଷଣକୁ ରୋକିବାକୁ ନେଇଛି ବଡ଼ ପଦକ୍ଷେପ। ଯଦି କାହା ପାଖରେ ୧୫ ବର୍ଷ ପୁରୁଣା ଗାଡ଼ି ରହିଛି, ତା'ହେଲେ ସେମାନଙ୍କୁ ମାର୍ଚ୍ଚ ୩୧ ପରେ ଆଉ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ମିଳିବନି ଅନୁମତି। ଏହାର ଅର୍ଥ ଏପ୍ରିଲ ୧ରୁ ପୁରୁଣା ଗାଡ଼ିରେ କେହି ବି ତେଲ ପକାଇ ପାରିବେ ନାହିଁ। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଆଜି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିର୍ସା କହିଛନ୍ତି, ଗାଡ଼ି ଜନିତ ପ୍ରଦୂଷଣ ହ୍ରାସ କରିବା ପାଇଁ ସରକାର କିଛି ପଦକ୍ଷେପ ନେବାକୁ ଯାଉଛନ୍ତି। ୧୫ ବର୍ଷ ପୁରୁଣା ଗାଡ଼ିଗୁଡ଼ିକୁ ଚିହ୍ନଟ କରିବା ପାଇଁ ପେଟ୍ରୋଲ ପମ୍ପରେ ବିଭିନ୍ନ ଯନ୍ତ୍ରାଂଶ ଲାଗିବ। ୧୫ ବର୍ଷରୁ ଅଧିକ ପୁରୁଣା ହୋଇଥିବା ଗାଡ଼ିଗୁଡ଼ିକୁ ତେଲ ମିଳିବ ନାହିଁ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ମଧ୍ୟ ଏ ବିଷୟରେ ଅବଗତ କରାଯିବ। ସରକାର ଏହି ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ଟାକ୍ସ ଫୋର୍ସ ପ୍ରତିଷ୍ଠା କରିବେ। ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ିଗୁଡ଼ିକୁ ସେମାନେ ଚିହ୍ନଟ କରିବେ। ଏପ୍ରିଲ ୧ରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ଦିଲ୍ଲୀରେ ପ୍ରବେଶ କରୁଥିବା ଭାରୀ ଯାନ ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ।

▶▶ପୃଷ୍ଠା ୭

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୨ ମାଓବାଦୀ

ନୂଆଦିଲ୍ଲୀ, ୦୧/୩ : ଛତିଶଗଡ଼ରେ ଏନକାଉଣ୍ଟର । ସୁକ୍‌ମା ଜିଲ୍ଲା ମେଟାଗୁଡା ଜଙ୍ଗଲରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛି । ଏଥିରେ ୨ ଜଣ ମାଓବାଦୀ ନିପାତ ହୋଇଥିବା ସୂଚନା ମିଳୁଛି । ୨ ଜଣଙ୍କ ମୃତଦେହ ଉଦ୍ଧାର ସହ ଅସ୍ତ୍ରଶସ୍ତ୍ର ଜବତ କରିଛି ସୁରକ୍ଷାବଳ । ଏବେ ବି ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ ଜାରି ରହିଛି । ଏନେଇ ସୁକ୍‌ମା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସକାଳୁ ସୁକ୍‌ମା କିସ୍ତରାମ ଥାନା ଅନ୍ତର୍ଗତ ମେଟାଗୁଡା ଜଙ୍ଗଲରେ ହୋଇଛି ଏନକାଉଣ୍ଟର । ଏଠାରେ କିଛି ମାଓବାଦୀ ଲୁଚିଥିବା ନେଇ ଗୁଇନ୍ଦା ସୂତ୍ରରୁ ସୁରକ୍ଷା ବାହିନୀକୁ ଖବର ମିଳିଥିଲା । ଏହାପରେ ଗତକାଲି (ଶୁକ୍ରବାର) ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଓ ସିଆରପିଏଫ୍ କୋବ୍ରା ୟୁନିଟ୍ ପକ୍ଷରୁ ମିଳିତ ଭାବେ ଜଙ୍ଗଲ ଭିତରେ ଆଣ୍ଟି-ନକ୍ସଲ ଅପେରସନ ଆରମ୍ଭ ହୋଇଥିଲା । ଆଜି ସକାଳୁ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ ସୁରକ୍ଷା ବାହିନୀ । ଦୁଇ ପକ୍ଷ ଭିତରେ ଜୋରଦାର୍ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଆଉ ଏହି ଏନକାଉଣ୍ଟରେ ନିପାତ ହୋଇଥିଲେ ୨ ଜଣ ମାଓବାଦୀ । ଆଜିର ଏନକାଉଣ୍ଟର ସହିତ ଚଳିତ ବର୍ଷ ଛତିଶଗଡରେ ପୃଥକ୍ ପୃଥକ୍ ସଂଘର୍ଷରେ ମୋଟ ୮୩ ଜଣ ମାଓବାଦୀ ନିହତ ହୋଇଛନ୍ତି ।

▶▶ପୃଷ୍ଠା ୭

# ସେଲ, ରାଉରକେଲା ଇସ୍ପାତ କାରଖାନାର ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନର ୯୩ ଜଣ ଛାତ୍ର ଛାତ୍ରୀଙ୍କୁ ସାଇକେଲ ପ୍ରଦାନ



ରାଉରକେଲା,୦୧/୩ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା ଏହାର କୋର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସ ସ୍ୱରୂପ, ଦୀପିକା ଇସ୍ପାତ ଶିକ୍ଷା ସଦନ ରେ ୭୦% ରୁ ଉର୍ଦ୍ଧ୍ୱ ଉପସ୍ଥାନ ଥିବା ଅଷ୍ଟମ ଓ ନବମ ଶ୍ରେଣୀର ୯୩ ଜଣ ଛାତ୍ର ଛାତ୍ରୀ ଙ୍କୁ ସାଇକେଲ ପ୍ରଦାନ କରିଛି । ଅଷ୍ଟମ ଓ ନବମ ଶ୍ରେଣୀର ସମସ୍ତ ୫୮ ଜଣ ବାଳିକା ଓ ୩୫ ଜଣ ବାଳକଙ୍କ ନିମନ୍ତେ ମୋଟ ୫.୪୩ ଲକ୍ଷ ଟଙ୍କା ବ୍ୟୟରେ ଏହି ସାଇକେଲ ଗୁଡିକ କ୍ରୟ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଦୀପିକା ଇସ୍ପାତ ଶିକ୍ଷା ସଦନ ଇସ୍ପାତ ସହରାଞ୍ଚଳରେ ବସବାସ କରୁଥିବା ବଞ୍ଚିତ ଶ୍ରେଣୀର ପିଲାମାନଙ୍କ ନିମନ୍ତେ ଏକ ନିଃଶୁଳ୍କ ବିଦ୍ୟାଳୟ ଅଟେ । ବିଦ୍ୟାଳୟ ପ୍ରେକ୍ଷାଳୟରେ ଫେବୃଆରୀ ୨୭ ତାରିଖ ଦିନ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଏହି ସାଇକେଲ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତିର ଉପାଧକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର ଏବଂ ଶ୍ରୀମତୀ ରୀତାରାଣୀଙ୍କ ସମେତ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଯୋଜୋ, ସିଏସଆର ବିଭାଗର ଜି ଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଶ୍ରୀ ଟି ବି ଟପ୍ପୋ, ସଂଘତିର ସମ୍ପାଦିକା, ଶ୍ରୀମତୀ ସରିତା କୁମାର, ସଂଘତି ପରିଚାଳନା କମିଟିର ସଦସ୍ୟାବୃନ୍ଦ, ପ୍ରଧାନଶିକ୍ଷକ ଶ୍ରୀ ଶିଶିର କୁମାର ସାମଲ, ପ୍ରଶାସକ ଶ୍ରୀ ଏସ୍ କେ ମିଶ୍ର ତଥା ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ନିଜର ସମ୍ବୋଧନରେ, ଶ୍ରୀମତୀ ବର୍ମା ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷାଗତ ସ୍ୱପ୍ନ ପୂରଣ କରିବା ପାଇଁ ଆବଶ୍ୟକ ସମସ୍ତ ସହଯୋଗ ମିଳିବାର ଆଶ୍ୱାସନ ଦେଇଥିଲେ ଏବଂ ଜୀବନରେ ସଫଳ ହେବା ପାଇଁ ସେମାନଙ୍କୁ କେବଳ ଅଧ୍ୟୟନରେ ଧ୍ୟାନ କେନ୍ଦ୍ରିତ କରିବାକୁ ଉତ୍ସାହିତ କରିଥିଲେ ।' ଦୀପିକା ଇସ୍ପାତ୍ ଶିକ୍ଷା ସଦନକୁ ଆଶା ଏବଂ ସୁଯୋଗର ପ୍ରତୀକ ରୂପେ ବର୍ଣ୍ଣନା କରି ଶ୍ରୀ ମିଶ୍ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପିଲାମାନଙ୍କ ପରିପୋଷଣ ଏବଂ ସେମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ପ୍ରତି ଆରଏସପିର ପ୍ରତିବଦ୍ଧତା ଦୋହରାଇଥିଲେ। ସୁଶ୍ରୀ ମୁନମୁନ୍ ମିତ୍ର ସାଇକେଲ ଉପହାର ଯୋଜନା ବିଷୟରେ ସଂକ୍ଷିପ୍ତ ସୂଚନା ଏବଂ ସାଇକେଲ ରକ୍ଷଣାବେକ୍ଷଣ ଉପରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଏସ୍ କେ ସାମଲ ସଂଯୋଜନା କରିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ମୋଟ ୮୯୭ ଜଣ ଛାତ୍ର ଛାତ୍ରୀଙ୍କ ଶିକ୍ଷା ଦିଗରେ ସାଇକେଲ ବଣ୍ଟନ, ଅନ୍ୟ ଏକ ଅଧ୍ୟାୟ ଭାବେ ଯୋଡି ହୋଇଛି । ଏଠାରେ ଛାତ୍ରଛାତ୍ରୀ ମାନଙ୍କୁ କେବଳ ନିଃଶୁଳ୍କ ଶିକ୍ଷା ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ଆନୁଷଙ୍ଗିକ ଆବଶ୍ୟକତା ଯଥା ବହି, ଖାତା, ସ୍କୁଲ ବ୍ୟାଗ, ସହିତ ୟୁନିଫର୍ମ, ଜୋତା ଏବଂ ମଧ୍ୟାହ୍ନ ଭୋଜନ ଭଳି ପୁଷ୍ଟିକର ଖାଦ୍ୟ ମଧ ଯୋଗାଇ ଦିଆଯାଉଛି । ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା, ୨୦୧୬ ମସିହାରେ ବିଦ୍ୟାଳୟର ପ୍ରଥମ ବ୍ୟାଚ ପାସ୍ କରିଥିଲେ ଏବଂ ସେହି ଦିନଠାରୁ ବିଦ୍ୟାଳୟ ୧୦୦% ପାସ୍ ହାର ଅର୍ଜନ କରିଆସୁଅଛି।

# ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କ ନିବିଡ ହେବ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୧/୩ (ନି.ପ୍ର): ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ ଓ ମଜଭୂତ୍ କରିବା ଦିଗରେ ଶୁକ୍ରବାର ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ୍ ଆଲୋଚନା ଅବସରରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ କରିବା ସହିତ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି । ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବା, ଛାତ୍ରଛାତ୍ରୀଙ୍କ ଦ୍ୱିପାକ୍ଷିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ଦୁଇ ନେତୃତ୍ୱ ବିଚାରବିମର୍ଶ କରିଥିଲେ । ଅନୁରୂପ ଭାବରେ ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଏବଂ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା । ଶିକ୍ଷଣ ଏବଂ ଦକ୍ଷତା ବ୍ୟବଧାନକୁ ଦୂର କରିବା ସହିତ ଲର୍ଣ୍ଣିଂ ଏବଂ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ଆଣିବା ପାଇଁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି । ପାରସ୍ପରିକ ଶିକ୍ଷା ଓ ଦକ୍ଷତା ଏଜେଣ୍ଡାକୁ ଆଗକୁ ବଢ଼ାଇବା, ଜ୍ଞାନ ସେତୁକୁ ସୁଦୃଢ଼ କରିବା ଏବଂ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ । ଆଜିର ବୈଠକ ଭାରତ-ୟୁରୋପୀୟ ସଂଘର ଶିକ୍ଷା ଏବଂ ଦକ୍ଷତା ବିକାଶ ଭାଗିଦାରୀରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ-ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀକୁ ଆହୁରି ଶକ୍ତିଶାଳୀ କରିବା ଏବଂ ନୂତନ ମାନଦଣ୍ଡ ସୃଷ୍ଟି କରିବା ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ୟୁରୋପୀୟ ଆୟୋଗର ଉପାଧ୍ୟକ୍ଷଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଏହି ଆଲୋଚନା କାଳରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ମଧ ଉପସ୍ଥିତ ଥିଲେ ।

# ବାଲିଆପାଳରେ ଚାଲିଥିବା ଗୁଣ୍ଡା ରାଜ ଓ ଅରାଜକତା ବିରୁଦ୍ଧରେ ସାମ୍ବାଦିକ ସମ୍ମିଳନୀ




ବାଲିଆପାଳ/ଲଙ୍ଗଳେଶ୍ୱର ,୦୧/ ୩ (ନି.ପ୍ର): ବାଲିଆପାଳ ବ୍ଲକ ପରିସର ରେ ପଞ୍ଚାୟତ ସମିତି ସଭା ଗୃହରେ ଶୁକ୍ରବାର ତିନି ପ୍ରମୁଖ ଦଳର ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ଘଟିଥିବା ତାମ୍ବୁଲ କାଣ୍ଡ ଓ ବ୍ଲକ ମଧ୍ୟରେ ବିଜେପି ଦଳର ତଥାକଥିତ ନେତାଙ୍କ ଗୁଣ୍ଡାରାଜ ଯାହାକି ତିନି ଦଳ ପକ୍ଷରୁ ଥାନାରେ ଏଫାୟର କରାଯାଇଥିବା ବେଳେ ପୋଲିସର ନିଷ୍କ୍ରିୟତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଏନେଇ ଶନିବାର ବ୍ଲକଛକ ସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଅପରାହ୍ନ ପାଞ୍ଚଟାରେ ବାଲିଆପାଳ ଠାରେ ଚାଲିଥିବା ଗୁଣ୍ଡା ରାଜ ଓ ଅରାଜକତା ବିରୁଦ୍ଧରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀ ରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଗତକାଲି ଘଟିଥିବା ଘଟଣାର ଦୃଢ ନିନ୍ଦା କରିଥିଲେ। ଏଭଳି ଘଟଣା ବାଲିଆପାଳ ବ୍ଲକ ର ଇତିହାସରେ କେବେ ଘଟିନଥିଲା , ଗଣତନ୍ତ୍ର କୁ ହତ୍ୟା କରାଯାଇଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।ବିଜେପି ର ନେତା ଜୈନିକ ବ୍ୟକ୍ତି କେବେ ସାଂସଦ ପ୍ରତିନିଧି ଭାବେ ପ୍ରତିନିଧିତ୍ୱ କରୁଛନ୍ତି ତାହା ବସ୍ତା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଜାଣନ୍ତି ନାହିଁ। ବିଜୁଜନତା ଦଳ ର ଜିଲ୍ଲା ପରିଷଦ ନିଶାକର ସେଠି ସଭା ପରିଚାଳନା କରୁଥିବା ଏବିଡିଓ ଶରତ ଚନ୍ଦ୍ର ମୁଦୁଲି ଙ୍କୁ କହିଥିଲେ ପ୍ରମାଣ ଭିତ୍ତିକ ଭାବେ ଜୈନିକ ବ୍ୟକ୍ତି ବୈଠକ ରେ ବସିପାରିବେ। ଏହି କଥା ଉପରେ କିଛି ପିଆରଆଇ ମେମ୍ବର ଉତକ୍ତ ହୋଇ ବୈଠକ ହେଉଥିବା ସ୍ଥାନ କୁ ଆସୁଥିବା ସମୟ ରେ ଶ୍ରୀ ସେଠି ବାରଣ କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା କହିଥିଲେ ସରକାରୀ ଦଳ କୁ ହାତବାରିସି କରି କିଛି ନେତା ଗୁଣ୍ଡା ରାଜ ଓ ଅରାଜକତା ଚଳାଇଛନ୍ତି। ପୋଲିସ କେବଳ ନୀରବ ଦ୍ରଷ୍ଟା ସାଜିଛି । ବ୍ଲକ ମଧ୍ୟରେ ଏବଂ ବାହାରେ ବିଜେଡି ଦଳ ର ନେତା ଙ୍କ ଆକ୍ରମଣ କରି ଅପରାଧୀ ଖୁଲମଖୁଲା ବୁଲୁଛନ୍ତି। ଯଦି ଏହି ଗୁଣ୍ଡା ରାଜ ଓ ଅରାଜକତା ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ନହୁଏ ଆଗାମୀ ଦିନରେ ବିଜେଡି ଦଳ ପକ୍ଷରୁ ଦୃଢ ପ୍ରତିବାଦ କରାଯିବ। ଏହି ସମ୍ମିଳନୀରେ ବସ୍ତା ବ୍ଲକ ସଭାପତି ଅନିଲ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ଦାସ,ଜିଲ୍ଲା ପରିଷଦ ବେଣୁଧର ଜେନା କାଞ୍ଚନ ଜେନା, ବରିଷ୍ଠ ନେତା ଚକ୍ରଧର ଗିରି, ଭଗବାନ ଗିରି, ଅଜୟ କୁମାର ପାତ୍ର, ମହେଶ୍ୱର ଜେନା, ଭାସ୍କର ଚନ୍ଦ୍ର ସାହୁ, ଦେବ କୁମାର ଦେ, ସୌମ୍ୟଦିପ ଚକ୍ରବର୍ତ୍ତୀ ପ୍ରମୁଖ ଏବଂ ବସ୍ତା ଓ ବାଲିଆପାଳ ବ୍ଲକ ର ସମସ୍ତ ବିଜେଡି ଦଳ ର ନିର୍ବାଚିତ ପ୍ରତିନିଧିମାନେ ଏବଂ କର୍ମୀ ଉପସ୍ଥିତ ଥିଲେ।

# ଶ୍ମଶାନକୁ ରକ୍ଷା କରିବାକୁ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୮ ଖଣ୍ଡ ଗ୍ରାମର ଗ୍ରାମବାସୀ

ଜୟପୁର,୦୧/୩ (ନି.ପ୍ର): ପରଜା ଶ୍ମଶାନ ଜବର ଦଖଲ ହୋଇଥିବା ନେଇ ଆଜି ଅପରାହ୍ନ ୧ଟା ସମୟରେ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବଙ୍ଗଳାବାଡ, ପଟ୍ଟନାୟକଗୁଡା, ହାନାଗୁଡା, ନଡିଆବାଡ ସାହୁ , ଜାମ୍ବବାଡ ସାହି ଖଡରା ସାହି, ନୂଆଗୁଡା ଓ କେନ୍ଦୁଗୁଡାର ପ୍ରାୟ ୮ ଖଣ୍ଡ ଗ୍ରାମର ଅଭିଯୋଗ ଯେ, ଶ୍ମଶାନକୁ କେହି ଜଣେ ବ୍ୟକ୍ତି ସଫା ସୁତରା କରି ପ୍ଲଟିଙ୍ଗ କରୁଛନ୍ତି । ଜୟପୁର ଲିଙ୍ଗରାଜନଗର ଘୋରଇ ବସଷ୍ଟାଣ୍ଡ ପଛପଟେ ଥିବା ଶ୍ମଶାନକୁ ୮ ଖଣ୍ଡ ଗ୍ରାମର ଜନ ସାଧାରଣ ରାଜ ରାଜୁଡା ସମୟରୁ ପୂର୍ବ ପରୁଷରୁ ବ୍ୟବହାର କରି ଆସୁଛୁ । ଯିଏ ବି ମୃତ୍ୟୁବରଣ କଲେ ଶବ ଦାହ କରାଯାଉଛି । କିନ୍ତୁ ୮ ଖଣ୍ଡ ଗ୍ରାମର ସର୍ବସାଧାରଣଙ୍କ ସମ୍ପତିକୁ ଜବର ଦଖଲ କରିବାକୁ ଲାଗିଛନ୍ତି । ତେଣୁ ପ୍ରଶାସନ ଯଥା ଶିଘ୍ର ଏହାକୁ ବନ୍ଦ କରିବା ସହିତ ଶ୍ମଶାନକୁ ରକ୍ଷା କରିବା ଏବଂ ଅଭିଯୁକ୍ତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟପୁର ବ୍ଲକ ଆଦିବାସୀ ସଂଘର ସଭାପତି ଜିତେନ୍ଦ୍ର ନାୟକ ସହ ପରଜା ସମ୍ପ୍ରଦାୟର ଗ୍ରାମବାସୀ ମାନେ ଦାବି କରିଛନ୍ତି । ନଚେତ ୮ ଖଣ୍ଡ ଗ୍ରାମର ସର୍ବ ସାଧାରଣରେ ଏହି ମୌଳିକ ସମ୍ପତିମାନ ସମ୍ମାନ ଓ ଶ୍ମଶାନ ରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ 'ଜାଗୃକ୍ତା ସେ ସେ ଜାଗୃତି କି ଓର' ଉପରେ ଏକ ସଚେତନତା ଭିତ୍ତିକ ପ୍ରଶିକ୍ଷଣ "ଚେତନା"ର ଶୁଭାରମ୍ଭ



ରାଉରକେଲା,୦୧/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସତର୍କତା ବିଭାଗ ଦ୍ୱାରା ଗୋପବନ୍ଧୁ ପ୍ରେକ୍ଷାଳୟରେ ଫେବୃଆରୀ ୨୭ ତାରିଖ ଦିନ 'ଚେତନା: ଜାଗୃକ୍ତା ସେ ଜାଗୃତି କି ଓର' ଶୀର୍ଷକ ଏକ ସଚେତନତା ଭିତ୍ତିକ ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ ଙ୍କ ସମେତ ସତର୍କତା ବିଭାଗ ର ସି ଜି ଏମ ଏଣ୍ଡ ଏ ସି ଭି ଓ ଶ୍ରୀ ସୁବ୍ରତ ପ୍ରହରାଜ ମଞ୍ଚରେ ଉପସ୍ଥିତ ଥିଲେ। ଏତଦବ୍ୟତୀତ ଏହି ଅଧିବେଶନରେ ବହୁ ସି ଜି ଏମ, ବିଭାଗ ମୁଖ୍ୟ ତଥା ସମ୍ପୃକ୍ତ ବିଭାଗ ର ବହୁ ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗ ର ଚୁକ୍ତି ଭିତ୍ତିକ କାର୍ଯ୍ୟକାରୀତା ସହିତ ଜଡିତ ଇଣ୍ଡେଣ୍ଟରମାନେ ମଧ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମର ଉଦଘାଟନୀ ଅଭିଭାଷଣରେ, ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ବର୍ମା ଏହାର ସୂକ୍ଷ୍ମ ଯୋଜନା, ସଠିକ୍ ଡକ୍ୟୁମେଣ୍ଟେସନ୍ ଏବଂ ପ୍ରକ୍ରିୟାଗତ ମାନଦଣ୍ଡ ପାଳନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉତ୍ତରଦାୟିତ୍ୱ ଏବଂ ବୃତ୍ତିଗତ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏପରି ପଦକ୍ଷେପର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ପରିପ୍ରେକ୍ଷୀରେ ଏ ସି ଭି ଓ, ଶ୍ରୀ ସୁବ୍ରତ ପ୍ରହରାଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସତର୍କତା ସମୀକ୍ଷାରେ ଚିହ୍ନଟ ହୋଇଥିବା ପୁନଃ ପୌନିକ ଅବଧି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିବା ସହିତ ଏପରି ସମସ୍ୟାଗୁଡ଼ିକୁ ହ୍ରାସ କରିବା ପାଇଁ ଶ୍ରେଷ୍ଠ ଅଭ୍ୟାସ ଏବଂ ପ୍ରତିରୋଧକ ପଦକ୍ଷେପ ବିଷୟରେ ସବିସ୍ତୃତ ଆଲୋଚନା କରିଥିଲେ। ଏହି ଅଧିବେଶନରେ ଏକ ପାରସ୍ପରିକ ପ୍ରଶ୍ନୋତ୍ତର ଭିତ୍ତିକ କାର୍ଯ୍ୟକ୍ରମ ମଧ ସ୍ଥାନ ପାଇଥିଲା ଯାହା ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ପ୍ରଶ୍ନ ର ସନ୍ତୋଷଜନକ ଉତ୍ତର ସହିତ ଏହା ସେମାନଙ୍କ ବାସ୍ତବ ଜୀବନ ର ବହୁ ଆହ୍ୱାନ ଗୁଡିକୁ ସୁଗମ କରିବାରେ ସହାୟକ ହୋଇ ଥିଲା ।

ପ୍ରାରମ୍ଭରେ, ସତର୍କତା ବିଭାଗର ଏ ଜି ଏମ ଶ୍ରୀ ସନ୍ଦୀପ ବଂଶଲ, ସତର୍କତା ବିଭାଗ ଦ୍ୱାରା କରାଯାଇଥିବା ପ୍ରକ୍ରିୟାକରଣର ଉନ୍ନତି ଏବଂ ଚୁକ୍ତିନାମା କାର୍ଯ୍ୟକାରୀ ସମ୍ପର୍କରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସତର୍କତା ବିଭାଗ ର ମ୍ୟାନେଜର ଶ୍ରୀ ଏମ.କେ. ସିଂହ, ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉକ୍ତ ବିଭାଗ ର ମ୍ୟାନେଜର ଶ୍ରୀ ହରିଶ ଅଗ୍ରୱାଲ, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଜଗନ୍ନାଥ ସାଗର କାର୍ଯ୍ୟ ଶିଘ୍ର ଆରମ୍ଭ ଦାବିରେ ପଦଯାତ୍ରା ଓ ଗଣ ଧାରଣା

ଜୟପୁର,୦୧/୩ (ନି.ପ୍ର): ଜଗନ୍ନାଥ ସାଗର କାର୍ଯ୍ୟ ଶିଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି । ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ଓ ଜଗନ୍ନାଥ ସାଗର ସଂଘର୍ସ ତରଫରୁ ପଦ ଯାତ୍ରା ସହ ଗଣ ଧାରଣା ଦିଆଯାଇଛି । ଜଗନ୍ନାଥ ସାଗର କାର୍ଯ୍ୟ ଶିଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି । ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ଓ ଜଗନ୍ନାଥ ସାଗର ସଂଘର୍ଷ ତରଫରୁ ମିଳିତ ଭାବେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ସଂନ୍ଧ୍ୟା ୫ଟା ସମୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଗତ ୨୩।୨।୨୫ ତାରିଖ ବୈଠକରେ ସରକାର ବେପାରୁଆ ଭାବେ ଜଗନ୍ନାଥ ସାଗରର ପାଣି ସୁଖାଇବା ଓ ଅନେକ ଦିନ ହେବ କାର୍ଯ୍ୟ ବନ୍ଦ କରିଥିବା ହେତୁ ଜୟପୁରର ତାପମାତ୍ରା ୨ ଡିଗ୍ରୀ ବଢିଯିବା ସହ ଜଳ ସ୍ତର ହ୍ରାସ ହେବା ବିଷୟ ଆଲୋଚନା ହୋଇଥିଲା । ଶାସନ ଓ ପ୍ରଶାସନର କେହି ମଧ ଏହାକୁ ଧ୍ୟାନ ଦେଉନଥିବାରୁ ଆଜି ରାଜା ନହରରୁ ଏକ ପଦଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକରେ ପହଂଚି ଥିଲା । ଦିନ ୧୦ଟା ରୁ ସଂନ୍ଧ୍ୟା ୫ଟା ଯାଏ ଟ୍ରାଫିକ ଛକ ନିକଟରେ ଶାନ୍ତି ପୁର୍ଣ୍ଣ ଗଣ ଧାରଣା ଦିଆଯାଇଛି ।


## DECLARATION
## FORM-IV
### (See Rule-8)

Statement of ownership and other particulars about newspaper **"THE DHWANIPRATIDHWANI"**

1. Place of Publication : Balasore
2. Periodicity of its Publication : Daily
3. Printers Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
4. Editor's Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo, hereby declare that the particulars given above are true to the best of my knowledge and belief.

**Sairindhree Sahoo**
Signature of the Publisher


# ଲୋକପ୍ରିୟ ବିଧାୟକ ଅଶୋକ ଦାସଙ୍କ ଜନ୍ମଦିନରେ ବିଶାଳ ରକ୍ତଦାନ ଶିବିର



ବାସୁଦେବପୁର,୦୧/୩ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ଅଶୋକ କୁମାର ଦାସ ଙ୍କ ଜନ୍ମ ଦିନ ଅବସରରେ ବିଶାଳ ରକ୍ତଦାନ ଶିବିର ନୀଳମଣି ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ରକ୍ତଦାନ ଶିବିରକୁ ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଫିତା କାଟି ଉଦଘାଟନ କରିଥିଲେ ଓ ସମସ୍ତ ରକ୍ତଦାତା ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଏହି ଶିବିର ରେ ବିଧାୟକ ଶ୍ରୀ ଦାସ ଙ୍କୁ ବାସୁଦେବପୁର ପୌର ପାଳିକା ର ସମସ୍ତ ଜନ ପ୍ରତିନିଧି ଓ ବିଭିନ୍ନ ପଂଚାୟତର ସରପଞ୍ଚ ସମିତି ସଭ୍ୟ ଓ ଲୋକ ପ୍ରତିନିଧି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଜନ୍ମଦିନ ଉତ୍ସବ ଓ ରକ୍ତଦାନ ଶିବିର ରେ ଯୋଗ ଦେଇଥିଲେ କଂଗ୍ରେସ ଦଳର ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ବିଜୟ କୁମାର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ବାରିକ, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ତୁହିଦ ଖାଁ, ଆଦିତ୍ୟ ଗିରି, କାହ୍ନୁ ଚରଣ ମଲ୍ଲିକ, ନିରଞ୍ଜନ ପଲେଇ, ବିଷ୍ଣୁ ମୋହନ ଦାସ, ପୂର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ନାରୀନେତ୍ରୀ ମଞ୍ଜୁଲତା ପଣ୍ଡା,ଇଂଜିନିୟର ଭାଗିରଥୀ ମହାପାତ୍ର, ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ, ସୁବ୍ରତ ବେହୁରା,ମନୋରଞ୍ଜନ ପାଢ଼ୀ, ରମେଶ ଚନ୍ଦ୍ର ଚଣ୍ଡ, ବାଦଲ ନାୟକ, ଦିପକ ନାୟକ, ଟୁଟୁ ଖାଁ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଅନନ୍ତ ପ୍ରସାଦ ପୋଇ,ଅକ୍ଷୟ ବାରିକ, ଭରତ ମହାକୁଡ଼, ସୁରେଶ ଚନ୍ଦ୍ର ଚଣ୍ଡ, ହୃଷୀକେଶ ସାହୁ, ସୁବାସ ଚନ୍ଦ୍ର ମାଝି, ମନୋଜ ପାଢ଼ୀ, ପ୍ରଭାତ ରାଉଳ,ବିଭୂତି ପଣ୍ଡା, ପଦ୍ମ ଲୋଚନ ମହାରଣା ଓ ଆହୁରି ଅନେକ ଭାଇ ଭଉଣୀ ବନ୍ଧୁ। ସମୁଦାୟ ଏହି ଶିବିର ରେ ୧୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିଲା। ଏହି ଦିବସରେ ବାସୁଦେବପୁର ମେଡ଼ିକାଲ ରେ ରୋଗୀ ମାନଙ୍କୁ ଓ ବୃଦ୍ଧା ଶ୍ରମରେ ମଉସା ମାଉସୀ ମାନଙ୍କୁ ଫଳ ବଣ୍ଟନ ଓ ବସ୍ତ୍ର ବଣ୍ଟନ କରା ଯାଇଥିଲା। ବିଧାୟକ ଶ୍ରୀ ଦାସ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ମାଆ ଆଙ୍କୁଡେଶ୍ୱରୀ ମନ୍ଦିର ଦର୍ଶନ କରିବା ସହିତ ବାବା ବଳିଆ ଙ୍କୁ ଦର୍ଶନ କରିଥିଲେ। ବିଧାୟକ ଶ୍ରୀ ଆଶୋକ ଦାସ ଜନ୍ମ ଦିନରେ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱର ଙ୍କ ଠାରେ ପ୍ରାର୍ଥନା କରିଥିଲେ ଓ ସମସ୍ତଙ୍କର ମଙ୍ଗଳ କାମନା କରିଥଲେ। ବହୁ ନେତା ଓ କର୍ମୀ ଫୁଲ ତୋଡା, ଫଟୋ ଓ ମିଠା ଦେଇ ବିଧାୟକ ଶ୍ରୀ ଦାସ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କେକ୍ କଟା ଯାଇଥିଲା ଓ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ଟୁରେକେଲାରେ ଲୋକକଳା ମହୋତ୍ସବ ଅନୁଷ୍ଠିତ

ବଲାଙ୍ଗିର,୦୧/୩ (ନି.ପ୍ର): ଟୁରେକେଲା ଅଂଚଳ ସାନବାଙ୍କି ଗ୍ରାମ ଓ ସାଲେମୁଡାଗାଁ ଉଭୟ ଗ୍ରାମର ମିଳିତ ଆନୁକୂଲ୍ୟରେ ମନ୍ଦିର ପରିଚାଳନା କମିଟି ଦ୍ୱାରା ଏକ ଲୋକକଳା ମହୋତ୍ସବ ଅନଷ୍ଠିତ ହୋଇଯାଇଛି । ପବିତ୍ର ମହାଶିବରାତ୍ରି ଜାଗର ବେଢ଼ା ସାନବାଙ୍କି ସ୍ଥିତି ଧବଳେଶ୍ୱର ମହାଦେବ ମନ୍ଦିରଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥିଭାବେ କାର୍ତ୍ତିକ ସାହୁ ଏବଂ ମୁଖ୍ୟବକ୍ତା ଭାବେ ଭକ୍ତବନ୍ଧୁ ମେହେର, ଅମିଲ ପଟେଲ ଓ ତୁଳସୀ ରାମ ଜଗତ ମଂଚ ସଂଚାଳକ ଭାବରେ ଯୋଗଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ମାର୍ଚ୍ଚ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୮୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ସାନଭାଇକୁ ଆପଣ କ’ଣ ଏକଥା ପଚାରି ପାରିଥା’ନ୍ତେ ପ୍ରଭୁ । ଯଦି ପଚାରିଥାନ୍ତେ ତାହେଲେ ଆପଣଙ୍କର ଲକ୍ଷ୍ମଣ ପ୍ରତି ଏହା ଘୋର ଅନ୍ୟାୟ ହୋଇଥା’ନ୍ତା । କେବଳ ଆପଣଙ୍କ ସୁଖ ପାଇଁ ସେ ରାଜବାଟୀର ସୁଖ, ପତ୍ନୀସୁଖ, ସମସ୍ତ ଭୋଗ ବିଳାସକୁ ତ୍ୟାଗକରି ବନଚାରୀ ହୋଇଥିଲା । ଧନ୍ୟ ନକହିବ ଲକ୍ଷ୍ମଣଙ୍କୁ ଆଉ ଉର୍ମିଳାକୁ । ଇତିହାସ ଯଦି ମନେ ରଖିବ ସେ ଦୁହିଁଙ୍କୁ । ଆପଣ ରାମରାଜ୍ୟର ରାଜା ହେଲେ ବି ସେ ତାର ସେବାରେ ଆପଣଙ୍କ ରାଜକର୍ମକୁ ଅର୍ଦ୍ଧେକ କୋହଳ କରିଦେବ ।

ମୋ ତୁଣ୍ଡରୁ ଭାଷା ନେଇ ମୋ ସ୍ୱାମୀ କହିଥିଲେ, ତୁମେ ଠିକ୍ କହିଛ ବୈଦେହୀ । ମୁଁ ନାମକୁ ମାତ୍ର ଅଯୋଧ୍ୟାର ରାଜା ହେବି । ସମସ୍ତ ରାଜକାର୍ଯ୍ୟ ବୁଝିବେ ଭରତ ଆଉ ଲକ୍ଷ୍ମଣ । ଆଉ ଦୁଇଦିନ ପରେ ମୋର ରାଜ୍ୟାଭିଷେକ ହେବ । ଲକ୍ଷ୍ମଣ ଦିନରାତିକୁ ଏକ କରିଦେଇ କେମିତି ଉତ୍ସବ ସାଫଲ୍ୟ ମଣ୍ଡିତ ହେବ ସେଥିପାଇଁ ମନ ପ୍ରାଣ ଢାଳିଦେଇଛି । ବିଭିନ୍ନ ରାଜ୍ୟର ରାଜାମାନଙ୍କୁ ନିମନ୍ତ୍ରଣ କରିବା, ଯାଜ୍ଞିକ ବ୍ରାହ୍ମଣମାନଙ୍କୁ ତଥା ସିଦ୍ଧ ମୁନି ଋଷିମାନଙ୍କୁ ଉତ୍ସବରେ କେମିତି ଆତିଥ୍ୟ ଦିଆଯିବ, ସେସବୁ କାର୍ଯ୍ୟ ଲକ୍ଷ୍ମଣ ତଦାରଖ କରୁଛି ।

ବନବାସରୁ ଫେରିବା ପରେ ସେଦିନ ଏକାନ୍ତରେ ସ୍ୱାମୀଙ୍କୁ ମୁଁ ପାଖରେ ପାଇଥିଲି ସୁଧାମୟୀ । ଅଧରରେ ସ୍ମିତହାସର ରେଖାଟାଣି ମୁଁ କହିଥିଲି ପ୍ରଭୁ, ଏ ଅଭାଗିନୀ ବନବାସ କାଳରେ ଆପଣଙ୍କ ଠାରୁ ସ୍ନେହ, ପ୍ରେମର ଯେଉଁ ଅମୃତ ପାଇଛି ଏ ଜନ୍ମରେ ନୁହେଁ ସାତଜନ୍ମ ପାଇଁ ତାହା ମୁଁ ଭୁଲିପାରିବି ନାହିଁ । ବନବାସ କାଳରେ ଆପଣ ଥିଲେ ଜଣେ ଯୁବକ ସନ୍ନ୍ୟାସୀ ଆଉ ମୁଁ ଥିଲି ଆପଣଙ୍କ ସେବାକାରିଣୀ ସନ୍ନ୍ୟାସିନୀ । ସେଦିନର ସେ ସୁଖ, ସେ ଆନନ୍ଦ, ସେ ଆତ୍ମବିଭୋରତାକୁ ମୁଁ ମୋ ଅଞ୍ଚଳରେ ବାନ୍ଧି ରଖିଛି ପ୍ରଭୁ । ଏବେ ମୋତେ କିନ୍ତୁ ଭାରି ଡର ଲାଗୁଛି ।

ମୋ କଥା ଶୁଣି ମୋତେ କୋଳକୁ ଆଉଜାଇ ନେଇ ସ୍ୱାମୀ ମୋର ମୋ ମସ୍ତକରେ ସ୍ନେହ, ପ୍ରେମର ଧାରା ବୁହାଇ ଦେଇ କହିଥିଲେ, ଦେବୀ ସୀତେ ! ଆଜି ତୁମ ତୁଣ୍ଡରୁ ଏପରି କଥା କାହିଁକି ଉଚ୍ଚାରିତ ହେଉଛି । ତୁମେ କ’ଣ ଭାବିଛ ତୁମ ପତି ତୁମକୁ ସେ ସୁଖରୁ ବଞ୍ଚିତ କରିବେ ବୋଲି ?

ତାଙ୍କ ତୁଣ୍ଡରେ ହାତଦେଇ ମୁଁ କହିଥିଲି ନା ସ୍ୱାମୀ, ସେ ଭଳି କଥା ଏ ଜୀବନରେ ସୀତା କେବେବି କହିବ ନାହିଁ । ମୋ ମନ ଭିତରେ ଆଶଙ୍କାଟିଏ ଉପୁଜିଛି..

ଆଶଙ୍କା ? ତୁମ ମନରେ ପୁଣି ଆଶଙ୍କା କାହିଁକି ଦେବୀ । କି ଆଶଙ୍କା ଉପୁଜିଛି ମୋ ନିକଟରେ ବ୍ୟକ୍ତ କର । କ୍ଷଣମାତ୍ରକେ ମୁଁ ତାହା ଦୂର କରିଦେବି ।

ନା ସ୍ୱାମୀ । ସେମିତି କିଛି ଅଶୁଭ ଜନିତ ଆଶଙ୍କା ନୁହେଁ, ମୁଁ ଭାବୁଛି ଆପଣ ରାଜା ହେବାପରେ ଏ ଅଭାଗିନୀ ସୀତା ସେଦିନର ସେ ସ୍ନେହ ପ୍ରେମରୁ ବଞ୍ଚିତ ହେବନାହିଁ ତ ?

ମୋ କଥା ଶୁଣି ମୋ ସ୍ୱାମୀ ହସିଉଠି କହିଥିଲେ, ଦେବୀ ! ତୁମେ କ’ଣ ଆମ ମିଳନର ପ୍ରଥମ ରାତିକଥା ଭୁଲିଗଲଣି ? ଏ ରାମ ତୁମକୁ ଯେଉଁ କଥା ଦେଇଛି ସେ କଥା ସେ ନିଶ୍ଚୟ ରଖିବ ସୀତେ । ତୁମ ଆଶଙ୍କା କେତେବେଳେ ହୁଏତ ସାମାନ୍ୟ ଫଳବତୀ ହୋଇପାରେ । ରାଜକାର୍ଯ୍ୟରେ ବ୍ୟସ୍ତ ଥାଇ ହୁଏତ ମୁଁ ତୁମକୁ ବନବାସ କାଳରେ ଯେତିକି ସମୟ ଦେଉଥିଲି ସେତିକି ସମୟ ଦେଇନପାରେ ।

ମୋ ସ୍ୱାମୀଙ୍କୁ କଥା ସଂପୂର୍ଣ୍ଣ କରିବାକୁ ନଦେଇ ମୁଁ କହିଥିଲି, ମୁଁ ଜାଣେ ସ୍ୱାମୀ, ଜଣେ ରାଜାର ପ୍ରଥମ କର୍ତ୍ତବ୍ୟ ହେଲା ପ୍ରଜାଙ୍କ ଦୁଃଖ ସୁଖ, ହାନିଲାଭ ବୁଝିବା । ପ୍ରଜାଙ୍କୁ ନ୍ୟାୟ ଦେବା । ତାଙ୍କ ଦୁଃଖରେ ଦୁଃଖୀ ହେବା । ଏହାହିଁ ତ ଜଣେ ପ୍ରଜାହିତକାରୀ ରାଜାର ଧର୍ମ । ସେ ଧର୍ମକାର୍ଯ୍ୟରେ ମୁଁ କେବେ ଆପଣଙ୍କୁ ବାଧାଦେବି ନାହିଁ ସ୍ୱାମୀ । ରାଜକାର୍ଯ୍ୟ ପରେ ଯେଉଁ ସମୟତକ ମିଳିବ...

ସେ ସମୟତକ ମୋ ପରିବାର ପାଇଁ ଦେବି ସୀତେ । ମୋ ମାତା ମାନଙ୍କର କଥା, ସେମାନଙ୍କ ଭଲମନ୍ଦ, ଭରତ, ଶତ୍ରୁଘ୍ନ, ଲକ୍ଷ୍ମଣ ସେମାନଙ୍କ କଥା...

ବୁଝିସାରିବା ପରେ ସୀତାଙ୍କ କଥା ମନେପଡ଼ିବ ତ ସ୍ୱାମୀ ? ସେତେବେଳକୁ ଆପଣଙ୍କ ହାତରେ ଆଉ ସମୟ ଥିବତ ? ହସିହସି ମୁଁ ଏକଥା କହୁଥିବାବେଳେ ସହସା ମୋ ପ୍ରଭୁଙ୍କ ଚକ୍ଷୁରେ ଅଶ୍ରୁ ଛଳଛଳ ହୋଇ ଆସୁଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ପ୍ରଶ୍ନ କରିଥିଲି, ପ୍ରଭୁ! ଏ ଆନନ୍ଦ ମୁହୂର୍ତ୍ତରେ ଆପଣଙ୍କ ଚକ୍ଷୁରେ ଏ ଅଶ୍ରୁ । ମୋ ପଣତକାନିକୁ ଟାଣିନେଇ ସ୍ୱାମୀ ମୋର ନିଜ ଚକ୍ଷୁର ଅଶ୍ରୁକୁ ନିଜେ ପୋଛି ପକାଇ କହିଥିଲେ ସୀତେ ! ତୁମେ ଖାଲି ମୋର ପତ୍ନୀ ନୁହଁ, ମୋର ମନ, ପ୍ରାଣ, ଆତ୍ମା, ଶରୀର ସବୁକିଛି । ବିନା ସୀତାରେ ରାମର କୌଣସି ସ୍ଥିତି ନାହିଁ । ଏକଥା ଆଜି ମୁଁ ଜାଣୁଛି, ଦିନେ ସାରାଜଗତ ଜାଣିବ । ରାମ ପାଇଁ ସୀତା ଏକ ବିନ୍ଦୁ, ଏକ ସିନ୍ଧୁ, ଏକ ବଳୟ, ଏକ ଜୀବନରେଖା, ଏକଥା ତୁମେ ଭଲଭାବରେ ଜାଣିଛ ପ୍ରିୟେ । ଦିନରାତି ଆଠପ୍ରହରରୁ ମୁଁ ଯଦି ଦଣ୍ଡଟିଏ ମୋ ସୀତା ପଇଁ ଦେଇପାରେ, ସେତକ ମୋ ସୀତାପାଇଁ ଆଠପ୍ରହର ନୁହେଁ ଷୋଳପ୍ରହର ହେବ ।

ସ୍ୱାମୀଙ୍କୁ ମୋର ଦୃଢ଼ ଆଲିଙ୍ଗନ କରି ମୁଁ କହିଥିଲି, ତାହା ମୁଁ ଜାଣେ ସ୍ୱାମୀ । ମୋ ପାଇଁ ସେହି ଗୋଟାଏ ମୁହୂର୍ତ୍ତର ସ୍ନେହ, ପ୍ରେମ ହିଁ ହେବ ଗୋଟାଏ ଯୁଗର । ମୋର ଭୁଲ୍ ହୋଇଯାଇଛି ପ୍ରଭୁ । ମୁଁ ଯେଉଁ ଆଶଙ୍କା କରିଥିଲି ତାହା ଭିତ୍ତିହୀନ । ସେହି ଦୋଷପାଇଁ ଆପଣ ମୋତେ କ୍ଷମା କରିଦିଅନ୍ତୁ ।

ହସିହସି ପ୍ରଭୁ ମୋର ମୋତେ କୋଳାଗ୍ରତ କରି କହିଥିଲେ, ଏହାହିଁ ତ ଜୀବନର ଶ୍ରେଷ୍ଠ ସମ୍ପଦ ସୀତେ । ଏହାଠାରୁ ରାଜସମ୍ପଦ ତୁଚ୍ଛ ଜାଣି ମଧ୍ୟ ମୁଁ ରାଜା ହେବାକୁ ଯାଉଛି । ରଘୁବଂଶର ମର୍ଯ୍ୟାଦା, ରଘୁବଂଶର କୀର୍ତ୍ତି, ଯଶକୁ ଚିରଦିନ ପାଇଁ ଉଜ୍ଜୀବିତ କରି ରଖିବା ନିମିତ୍ତ ମୁଁ ରାଜ ସିଂହାସନ ଆରୋହଣ କରିବି । ଏ କାର୍ଯ୍ୟକୁ ତୁମେ ହିଁ ମଂଗଳ କରାଇବ ବୈଦେହୀ । ତୁମ ଉପରେ ଭରସା ରଖି ଏ ରାମ ଆଉ ଦୁଇଦିନ ପରେ ହେବ ଅଯୋଧ୍ୟା ରାଜ୍ୟର ପ୍ରଜାଙ୍କ ସେବକ ।

ଅଯୋଧ୍ୟା ରାଜବାଟୀରେ ବହି ଯାଇଥିଲା ମହାଆନନ୍ଦର ବନ୍ୟା । ଅଭିଷେକର ନିର୍ଦ୍ଧାରିତ ଦିନ ଆସି ଉପସ୍ଥିତ ହେଲା । କେତେ ରାଜା, ମହାରାଜଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି, ଅଭ୍ୟାଗତଙ୍କ ଗହଣରେ ପୂରି ଉଠିଥିଲା ଅଯୋଧ୍ୟା ରାଜଭବନ । ସ୍ୱାମୀଙ୍କ ନିମନ୍ତ୍ରଣ ପାଇଁ ଲଙ୍କାରୁ ଆସି ପହଞ୍ଚିଥିଲେ ବିଭୀଷଣ, ସାଂଗରେ ଅନେକ ଉପଢୌକନ ଧରି । କିଷ୍କିନ୍ଧ୍ୟା ରାଜନ ସୁଗ୍ରୀବ, ଅଂଗଦ, ଜାମ୍ବବାନ, କିଛି ବାନର ସେନା ମଧ୍ୟ ଆସି ପହଞ୍ଚି ଯାଇଥିଲେ । ଅଯୋଧ୍ୟାକୁ ସ୍ୱର୍ଗର ଇନ୍ଦ୍ରଭୁବନ ତୁଲ୍ୟ ସଜାଇ ଦେଇଥିଲେ ଭରତ । ଜ୍ୟେଷ୍ଠଭ୍ରାତା ତାଙ୍କର ରାଜା ହେବେ, ଏହା କମ୍ ଗୌରବର କଥା ନୁହେଁ । ଦେଶ ବିଦେଶରୁ ଅଭିଜ୍ଞ ଚିତ୍ରଶିଳ୍ପୀଙ୍କୁ ଡକାଇ ଏକ ବିଚିତ୍ର ରଂଗଶାଳାର ରୂପ ସେ ଦେଇଥିଲେ ଅଯୋଧ୍ୟାକୁ । କୁଶଳୀ ନର୍ତ୍ତକୀ, କଣ୍ଠଶିଳ୍ପୀ ମାନଙ୍କୁ ଡକାଇ ଆଣିଥିଲେ ନୃତ୍ୟ ଗୀତର ଆସରରେ ମଜାଇ ରଖିବାପାଇଁ ଅଯୋଧ୍ୟାର ଜନସାଧାରଣଙ୍କୁ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ନାବାଳିକା ମାତୃତ୍ୱ ଏକ ଚିନ୍ତାର କାରଣ

**ବିଷ୍ଣୁ ପ୍ରସାଦ ଦାସ**



ନାବାଳିକା ମାତୃତ୍ୱ ବର୍ତ୍ତମାନ ସମୟରେ ଏକ ଚିନ୍ତାର ବିଷୟ ପାଲଟି ଯାଇଛି । କେବଳ ଭାରତ ବର୍ଷରେ ନୁହେଁ ସମଗ୍ର ପୃଥିବୀରେ ପ୍ରତିଦିନ ଶହ ଶହ ନାବାଳିକା ଅବାଞ୍ଛିତ ମାତୃତ୍ୱ ଲାଭ କରୁଛନ୍ତି , ନିର୍ଯାତିତ ହେଉଛନ୍ତି ବା ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି । ଏହା ପଛରେ ଅନେକ କାରଣ ରହିଛି ଯାହାକି ନିତିଦିନିଆ ଜୀବନରେ ଆମେ ଦେଖି ମଧ ନ’ଦେଖିବାର ଅଭିନୟ କରିଥାଉ କିମ୍ବା ଅଯଥାରେ ଏହି ସବୁ ବିଷୟରେ ମୁଣ୍ଡ ପୂରାଇ ବାକୁ ଉଚିତ ମଣି ନ’ଥାଉ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ , ଜୀବ ଜଗତର ସବୁଠାରୁ ବୁଦ୍ଧିମାନ ଶ୍ରେଷ୍ଠ ବୋଲି ନିଜକୁ ପ୍ରତିପାଦିତ କରି ପାରିଛି କିନ୍ତୁ କିଛି ମନୁଷ୍ୟ ସମାଜରେ ରହି ମଧ ପଶୁତୁଲ୍ୟ ବ୍ୟବହାର କରି ନିନ୍ଦିତ ହୁଅନ୍ତି ।

ସମ୍ପ୍ରତି ଖବର କାଗଜ , ଟିଭିରେ ଆମେ ଖବର ପାଉଛୁ ଯେ, କେଉଁଠି ୧୦ ମ ଶ୍ରେଣୀର ଛାତ୍ରୀ ହଷ୍ଟେଲ ଛାତ ଉପରେ ପ୍ରସବ କରିଛି ତ’ କେଉଁଠି ପ୍ରସବ ପରେ କୁମାରୀ ମା’ ଏବର୍ଷ ମାଟ୍ରିକ ପରୀକ୍ଷା ଦେଉଛି ଅବଶ୍ୟ ଏହା ଆମ ପ୍ରଦେଶର ୨୦୨୫ ଫେବୃଆରୀ ମାସର କଥା, ତେବେ କଥା ଉଠୁଛି ପ୍ରକୃତରେ କ’ଣ ଏହି ଦୁଇଟି ଘଟଣା ଲୋକ ଲୋଚନକୁ ଆସୁଛି ନା ଅନ୍ୟ ଘଟଣା ଗୁଡିକୁ ଚାପି ଦିଆ ଯାଉଛି ? ଏହି ସବୁ ଘଟଣା କେବଳ କର୍ତୃପକ୍ଷଙ୍କ ଦାୟିତ୍ୱ ହୀନତାର ପରିଚୟ ଦେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ , ଅତୀତରେ ମଧ ଅନେକ ଅଘଟଣା ଘଟିଛି , ତଦନ୍ତ ହୋଇଛି , କିଛି ଦୋଷୀ ଦଣ୍ଡ ପାଇଛନ୍ତି କିଛି ଖସି ଯାଇଛନ୍ତି । ଆମେ ଚାହିଁଲେ କ’ଣ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋକି ପାରିବା ନାହିଁ ? ଆମ ମାନସିକତା କ’ଣ ବଦଳିବ ନାହିଁ? ଟିନ୍ ଏଜ୍ ବା ନାବାଳକ ନାବାଳିକା କହିଲେ ସାଧାରଣତଃ ୧୩ ବର୍ଷରୁ ୧୯ ବର୍ଷର କିଶୋର କିଶୋରୀଙ୍କୁ ବୁଝାଏ , ଏହି ସମୟରେ ପିଲାଟି ଜୀବନର ଏକ ନୂତନ ସୋପାନ ଚଢି ପ୍ରତିଟି ଜିନିଷକୁ ପରୀକ୍ଷା ନିରୀକ୍ଷା ସହିତ ଉପଭୋଗ କରିବାର ପ୍ରେରଣା ତା’ର ମସ୍ତିଷ୍କରୁ , ସାଙ୍ଗ ସାଥୀଙ୍କ ଠାରୁ କିଛି ପୁସ୍ତକ, ଟିଭି , ଇଣ୍ଟରନେଟ୍ ଭିଡିଓ ଇତ୍ୟାଦି ସହିତ ନିଜ ପରିଚିତ ବୟସ୍କଙ୍କ ଠାରୁ ମଧ ଶିଖିଥାଏ ବା କିଛି କିଛି ସ୍ଥାନରେ ନିଜର ଇଚ୍ଛା ବିରୁଦ୍ଧରେ ଶିକାର ହୋଇ ଶିଖି ଥାଏ । ନାବାଳକ/ବାଳିକା ଯୌନ ସମ୍ପର୍କ ୨୦୦୩ ମସିହାରେ ଆମ ଦେଶରେ ୮ % ଥିବା ସମୟରେ ୨୦୨୨-୨୩ ବେଳକୁ ପ୍ରାୟ ୩୩% ରେ ପହଞ୍ଚି ଯାଇଛି । ବର୍ତ୍ତମାନ ସମୟରେ ଭାରତବର୍ଷରେ ପ୍ରାୟ ୬୭% ନାବାଳିକା ଅସୁରକ୍ଷିତ ଗର୍ଭପାତ କରୁଛନ୍ତି ସେଥିମଧ୍ୟରୁ କିଛି ଅକାଳରେ ମୃତ୍ୟୁ ବରଣ କରୁଛନ୍ତି, ଏହି ସଂଖ୍ୟା କମିବା ବଦଳରେ ବଢି ବଢି ଚାଲିଛି ଯାହାକି ଆମ ସୁସ୍ଥ ସମାଜ ନିମନ୍ତେ ଏକ ଚିନ୍ତାର ବିଷୟ ପାଲଟି ଯାଇଛି । କେବଳ ମେଟ୍ରୋ ସହର ନୁହେଁ ଅନେକ ଛୋଟ ବଡ଼ ସହର ଗୁଡିକରେ ଅପସଂସ୍କୃତି ତଥା ଯୌନ ଲାଳସା ଦ୍ୱାରା ଅବାଞ୍ଛିତ କୁମାରୀ ମାତୃତ୍ୱ ମହାମାରୀ ପରି କାୟା ମେଲାଇ ଚାଲିଥିବା ଏବେ ସମସ୍ତଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଛି । ଏହା ପଛର କାରଣ ଯଦି ଖୋଜି ବସିବା ତେବେ ତ ଅନେକ କାରଣ ବାହାରିବ ତେବେ ଏହି କାରଣ ଗୁଡିକ ଜାଣିବା ପରେ ଆମେ କେତେ ସଚେତନ ହେବା ତାହା ନିଜ ଉପରେ ନିର୍ଭର କରୁଛି , ଏଠାରେ ସରକାରଙ୍କୁ ଦୋଷ ଦେଇ ଚୁପ୍ ବସିଗଲେ ଚଳିବ ନାହିଁ । ବନ୍ଧୁ ପରିଜନ , ସହପାଠୀ , ଶିକ୍ଷାନୁଷ୍ଠାନ , କାର୍ଯ୍ୟାଳୟ ପ୍ରତ୍ୟେକ ସ୍ଥାନରେ ନାବାଳକ/ ନାବାଳିକାଙ୍କ ସୁରକ୍ଷା ଦରକାର ସବୁଠାରୁ ଅଧିକ ପରିବାରରେ ଶିକ୍ଷା ମିଳିବା ଜରୁରୀ କିନ୍ତୁ ଆଧୁନିକତାର ଦୁହାଇ ଦେଇ ବା ସମୟର ଅଭାବ ଦେଖାଇ ପରିବାରର ଲୋକମାନେ ପିଲାଙ୍କୁ ସମୟ ଦେଇ ପାରନ୍ତି ନାହିଁ , ପିଲାମାନେ ଏବେ ଡେଟିଂ ଆପ୍ସ ଜରିଆରେ ନିଜର ମନ ପସନ୍ଦ ସାଥି ସହିତ ଯୋଡି ହୋଇ ଯାଉଛନ୍ତି , ହାଇସ୍ପିଡ୍ ଇଣ୍ଟରନେଟ୍ ପୃଥିବୀର କୋଣ ଅନୁକୋଣକୁ ନିମିଷକ ମଧ୍ୟରେ ଯୋଡି ଦେଇ ପାରୁଛି । ଅନେକ କୁମ୍ଭୀର ଜାତୀୟ ବନ୍ଧୁ ମାଙ୍କଡ଼ କଳିଜା ଖାଇବାର ଲୋଭରେ ମାଙ୍କଡ଼ ମାନଙ୍କୁ ନେଇ ଶିକାର କରୁଛନ୍ତି , କେଉଁଠି ନାବାଳକ ତ କେଉଁଠି ନାବାଳିକା ପଶୁତୁଲ୍ୟ ମଣିଷ ମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଚୁପ୍ ରହୁଛନ୍ତି ତ କିଛି ସତ୍ ସାହସ ଦେଖାଇ ଆଇନର ଆଶ୍ରୟ ନେଉଛନ୍ତି । ସ୍କୁଲରେ ନାବାଳିକା ମାନଙ୍କ ପାଇଁ ଯୌନ ଶିକ୍ଷାର ଯେତେ ଡିଣ୍ଡିମ ପିଟା ଯାଉଛି ପ୍ରକୃତ ପକ୍ଷେ ତାହା ହେଉନାହିଁ , ସମୟ ସମୟରେ ରକ୍ଷକ ନିଜେ ଭକ୍ଷକ ପାଲଟି ଯାଇ ସର୍ବନାଶ କରି ଦେଉଛି ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡିକରେ ଥିବା ଆଶ୍ରମ ସ୍କୁଲ/ଆବାସିକ ସ୍କୁଲ ଗୁଡିକର ଛାତ୍ର ଛାତ୍ରୀ ମାନେ ଅକଥ୍ୟ ଶୋଷଣର ଶିକାର ହେଉଛନ୍ତି ସତେ ଯେମିତି ସେମାନେ ଜଣେ ଜଣେ ଉପଭୋଗର ସାମଗ୍ରୀ ପାଲଟି ଯାଇଛନ୍ତି ବୋଲି ମନେ ହୁଏ ।

ବର୍ତ୍ତମାନ କଥା ଉଠୁଛି ଯେ, ଏହି ଅବାଞ୍ଛିତ ମାତୃତ୍ୱ ବା କୁମାରୀ ମାତୃତ୍ୱକୁ ଆମେ କେମିତି ନିୟନ୍ତ୍ରଣ ମଧ୍ୟକୁ ଆଣି ପାରିବା ? ପରିବାରର ସଦସ୍ୟ ମାନେ ନିଜ ସନ୍ତାନ ମାନଙ୍କୁ ସଂସ୍କାର ଶିଖାଇବା ସହିତ ଟିନ୍ ଏଜ୍/ କୈଶୋର ସମ୍ପର୍କରେ ଉପଯୁକ୍ତ ଶିକ୍ଷା ଦେବା ଉଚିତ, ସେହି ସମୟରେ କେଉଁଟା ଭଲ କେଉଁଟା ମନ୍ଦ , ଶୃଙ୍ଖଳିତ ସମାଜରେ ଅବସ୍ଥାନ କରିବାକୁ ହେଲେ କ’ଣ ଗ୍ରହଣୀୟ ତଥା କ’ଣ ବର୍ଜନୀୟ , ଅସମୟ ବା ନିର୍ଧାରିତ ବୟସ ପୂର୍ବରୁ ଯୌନ ସମ୍ପର୍କର ସକାରାତ୍ମକ ତଥା ନକାରାତ୍ମକ ଦିଗ ଗୁଡିକ ଉପରେ ନିଜର କିଶୋର ସନ୍ତାନ ମାନଙ୍କୁ ବନ୍ଧୁ ତୁଲ୍ୟ ଉପଦେଶ ଦେବା , ନିଶା ଦ୍ରବ୍ୟ , କୁସଙ୍ଗ ଠାରୁ ଦୁରେଇ ରହିବା ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା କରିବା ଉଚିତ , ଏଠାରେ ବାପା ମାନଙ୍କ ଠାରୁ ମା’ଙ୍କର ଭୂମିକା ବେଶୀ ଥାଏ ବୋଲି ହୃଦୟଙ୍ଗମ ହୁଏ । ଅଭିଭାବକ ମାନେ ବାଲ୍ୟ ବିବାହରୁ ନିବୃତ୍ତ ରହିବା ଉଚିତ, ୨୦୦୬ ମସିହାରେ ସରକାର ନିୟମ ଦ୍ୱାରା କିଶୋରୀ ମାନଙ୍କ ଗର୍ଭ ଧାରଣକୁ ରୋକିବା ଲାଗି ବାଲ୍ୟ ବିବାହ ଆଇନ ଆଣିଛନ୍ତି । ଜାତୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ସେବା ତଥା ଯୌନ ଶିକ୍ଷା ଦ୍ୱାରା ଅବାଞ୍ଛିତ କୁମାରୀ ମାତୃତ୍ୱକୁ ଅନେକାଂଶରେ କମ୍ କରିବାରେ ସାହାଯ୍ୟ କରୁଛି । କୁମାରୀ ମାତୃତ୍ୱ ସମ୍ପୂର୍ଣ୍ଣ ବନ୍ଦ ହୋଇ ନ’ପାରେ ତଥାପି ସରକାରଙ୍କ ଆନ୍ତରିକତା, ସମସ୍ତଙ୍କର ସହଯୋଗ ତଥା ଏନ୍:ଜି:ଓ ମାନଙ୍କ କାର୍ଯ୍ୟଦକ୍ଷତା ଦ୍ୱାରା ଏହାକୁ ନିୟନ୍ତ୍ରିତ କରାଯାଇ ପାରେ ।

♥ ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭

## କବିତା...

### ଅବସୋସ
**ଡା. ନୀଳମାଧବ କର**



ମୁଁ ତୋତେ ବୁଝିଛି ବୋଲି
କେବେ ବୁଝେଇ ପାରିଲିନି ତୋତେ

ସେଥିପାଇଁ ତୁ ବାରମ୍ବାର
ଦୋହରେଇ ଦୋହରେଇ
ମୋ ଝର୍କାକଡ଼ କୃଷ୍ଣଚୂଡ଼ାର ଶାଖାରୁ
ବୁଝାଉଥିଲୁ ନା’ ତୋ କଥା
ମୁଁ କାଳେ ଭୁଲ ବୁଝିବି ବୋଲି
ହିମାଳୟ ଭୟ ଥିଲା ତୋର

ମୁଁ ତୋତେ ବୁଝୁଛି ବୋଲି
କେବେ ବୁଝେଇ ପାରିଲିନି ତୋତେ

‘ତୁ ଅବୁଝା ରହିଯିବାର’ ତୋ ଦୁଃଖ ବଢୁଥିଲା
ସେସବୁ ଅଳୀକ ବୋଲି,
କେମିତ ବୁଝେଇଥାନ୍ତି, କଣ କରିଥାନ୍ତି

ହାତ ନାହିଁ, ଗୋଡ଼ ନାହିଁ,
ଦେଖୁଛି, ଶୁଣୁଛି ସିନା,
ଶବ୍ଦ ନାହିଁ, ସ୍ୱର ନାହିଁ,
ମୋ ସମ୍ବାଦ, ଅନୁଭବଟିଏ,
ତୋ ଚାରିଆଡ଼େ
ସଞ୍ଚରୁଛି ଭାବଟିଏ
ଅନନ୍ୟ ମୁଦ୍ରାରେ

ମୁଁ ତୋତେ ବୁଝିବି ବୋଲି
କେବେ ବୁଝେଇ ପାରିଲିନି ତୋତେ

ତୋ ଚାରିଆଡ଼େ କୋଳାହଳ
ଅନେକ ଶବ୍ଦ ଓ ସ୍ୱରରେ
ମୋ ବାରତା

ଭାସେ ସେଠି
ଅଚିହ୍ନା ଓ ଅଜଣା ଭାଷାରେ

ତୋ ଆଗରେ,
ନିଶ୍ଚଳ ଦାରୁଟିଏ ପରି
ମୁଁ କିନ୍ତୁ ତୋ ପାଇଁ ଅଧୀର, ଅସ୍ଥିର
କେବେ ଦିନେ
ତୁ ମୋତେ ବୁଝିବୁ ବୋଲି
ମୋ ଧାରଣା, ଆଶା ଆଉ ଇଚ୍ଛା ।

♥ ଓଲଭରହାମ୍ପଟନ, ୟୁକେ

### ଦିଗହଜା ପକ୍ଷୀ
**ସିପୁନୁ ଜେନା**



ଏମିତି ଚାଲିବା ବାଟରେ
ପରିବର୍ତ୍ତନର ଆହ୍ୱାନରେ
ନିଜକୁ ବଦଳେଇ ଦେଇ
ଯଦି ମିଳନ୍ତା ଥରେ
ପ୍ରେମର ମିଠା ରସ..
ଗୋଲାପର ପ୍ରୀତି ପାଖୁଡ଼ାରେ
ଖୋଜିବାକୁ ପଡନ୍ତାନି
ଅନ୍ତରର ଅଦେଖା ଅନୁଭୂତି
ପ୍ରେମର ଆତ୍ମୀୟତାରେ
ଭିଜ ଭିଜା ଚିଠିର ସ୍ମୃତି...!

ପକ୍ଷୀ !
ଗୋଲାପର ବାସ୍ନାରେ
ମିଛ ଶବ୍ଦର ରୂପରେଖରେ
ଗଢିହୁଏନି ପ୍ରେମର ତାଜମହଲ

ହୃଦୟର ଭାବନାରେ
ଠକି ପାରିବୁନି ନିଜକୁ
ଆଉ ଗୋଟେ କାହାଣୀର ଚରିତ୍ର ସାଜି ।

ପକ୍ଷୀ !
କଥାର ଚାତୁରୀରେ
ପ୍ରତିଶ୍ରୁତିର ପାହାଡରେ
କିଣିପାରୁ ବିଶ୍ୱାସ
କାବୁ କରିପାରୁ ମନକୁ
ସୁନେଲି ରାତିର ବିଛଣାରେ
ବୁଣିପାରୁ ସ୍ୱପ୍ନର ରେଣୁ ।

ପକ୍ଷୀ !
ଏ କ’ଣ ପ୍ରେମ..?
ହୃଦୟର ଭାଷା ଅସ୍ପଷ୍ଟ

ଅନ୍ତରର ଆହ୍ୱାନ ଅବିଶ୍ୱସନୀୟ
ତୁଚ୍ଛା ଅଭିନୟରେ
ଦେହର ଲାଳସାରେ ଲାଳାୟିତ
ଛଟପଟ ପ୍ରେମ ପାଗଳ...!!!

♥ ଗ୍ରାମ- ତର୍କାବେଡ଼ା, ପୋ.ଅ- କଡ଼ଲା
ଭାୟା- ମେରାମଣ୍ଡଳୀ
ଜିଲ୍ଲା- ଢେଙ୍କାନାଳ - ୭୫୯୧୨୧
(ମୋ) ୮୭୬୩୦୭୦୫୩୫



### ନିଃସଙ୍ଗ ନିବାସ
**ବାବାଜୀ ଚରଣ ଜେନା**

ମିଛ କୋଳାହଳ ଠାରୁ
ଭଲ ନିଃସଙ୍ଗ ନିବାସ
ଲୁହ ଝରି ଯାଉପଛେ
ଧୋଇ ଦେଇ ଅବସୋସ
ମିଛ କୋଳାହଳ ଠାରୁ
ଭଲ ନିଃସଙ୍ଗ ନିବାସ.....

ପ୍ରତି ପଲକରେ ମୁହେଁ
କଳା କଳଙ୍କକୁ ବୋଳି
ସକାଳରୁ ସଂଜ ଯାଏ
ଶୁଣେ ଅପନିନ୍ଦା ଗାଳି
ଭରସା କରିବ କିଏ
ଥରେ ତୁଟିଲେ ବିଶ୍ୱାସ
ମିଛ କୋଳାହଳ ଠାରୁ
ଭଲ ନିଃସଙ୍ଗ ନିବାସ....

କେତେ ଦିନ ଛଳନାରେ
କରୁଥିବ ଅଭିନୟ
କେତେଦିନ ଲୁଚାଇବ
ସତ୍ୟର ପରିଚୟ
ସବୁ ମାନି ନେଲି ଶେଷେ
କାହାକୁ ନଦେଇ ଦୋଷ
ମିଛ କୋଳାହଳ ଠାରୁ ଭଲ
ନିଃସଙ୍ଗ ନିବାସ....

♥ ଅହଲ୍ୟା ନିବାସ ,
ପୋପରଡା ନୂଆବଜାର କଟକ-୪
ମୋ -୯୪୩୭୮୩୪୭୧୯

### ଗୋଟିଏ ଏକପଦୀ
**ଡ. ରଜନୀ ରଂଜନ**



ତୋ ପାଖେ ସରିଛି ମୋର ସବୁ ବାଟ
ସରିଛି ସବୁ ଶୋଷ
ଆରମ୍ଭ ନହେଲେ ନାହିଁ
ତୁ କିନ୍ତୁ ମୋର ଶେଷ
ମିଠା ମିଠା ଅବସୋସ ।

♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

### ଗଛ ଓ କାଠୁରିଆ
**ପୂର୍ଣ୍ଣଚନ୍ଦ୍ର ମହାରଣା**



ଆସିଲୁ ଯେ କାଠୁରିଆ
ଏ ଯାଏ ଘାସରୁ ଶୁଖିନି କାକର
ବସା ଛାଡ଼ି ନାହାନ୍ତି ପକ୍ଷୀପଲ୍ଲ !!

ଉଠିବ ଉଠିବ ହଉଚି ହେଲେ
ଆକାଶ ମଥାନକୁ
ଏ ଯାଏ ଉଠିନି ସୂରୁଜ
ଆସିଲୁ ଯେ ଏଇବେଳେ
ବାରଣ କଲେନି ତୋତେ
ତମ ଘର ଲୋକ !!

ପିନ୍ଧିଛୁ ଦି’ ହାତି ଗାମୁଛା
ନାହିଁ ଖଣ୍ଡେ ତୋ ମୁଣ୍ଡ ରେ
ଭିଡିବାକୁ ଠେକା
କେମିତି ଆସିଲୁ ଚାଲି
ଖାଲି ପାଦରେ ଏ
ବଣ, ବୁଦା, କଣ୍ଟା ଝଣ୍ଟା
ମାଡ଼ି ଏକାଏକା !!

କେତେ ପ୍ରାଣୀ କୁଟୁମ୍ବ ତୋର
କେତେ ପିଲାଝିଲା
ଅଛନ୍ତି କି ନାଇଁ ଭାଇ ଭଉଣୀ ତୋ
ବୋଉବାପା !!

ନାଇଁ ବୋଧେ ବିଲବାଡ଼ି ଚାଷବାସ,
ନାଇଁ ବୋଧେ ଗାଈ, ଗୋରୁ
ହଳହଡ଼ା କିଛି,
ସେଥିପାଇଁ ପୋଷିବାକୁ ପେଟ
ଆଉ କାହା ଜୀବନକୁ ମାରୁଅଛୁ
ଚୋଟ !!

ହାଣିବୁ ଯଦି ହାଣ୍
କାଟିବୁ ଯଦି କାଟ୍
ହେଲେ ପେଟ ଭୋକ
ମରିଗଲେ ଆଜି
କାଲି କଣ ପୁଣି ଥରେ
ଜିଇଁବନି ମୋଟେ !!

♥ ବାଲକାଟୀ, ଖୋର୍ଦ୍ଧା -୭୫୨୧୦୦
(ମୋ) ୯୯୩୭୭୭୭୬୫୨

# ଭଲ କବିତା ପାଇଁ ପ୍ରେମିକପଣରେ ବା ସମର୍ପିତ ଉର୍ଦ୍ଧ୍ୱାୟନରେ ନିଜକୁ ନିଃସ୍ୱ କରିବାର ଆକୁଳତାର ଆବଶ୍ୟକତା ବି ରହିଛି : ବିରଜା ରାଉତରାୟ

**ବିରଜା ରାଉତରାୟ**
ଓଡ଼ଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଏକାଧାରରେ ଜଣେ ସାର୍ଥକ କଥାଶିଳ୍ପୀ ଓ ସମ୍ବେଦନଶୀଳ କବି ଭାବରେ ପରିଚିତ । କଥା ଗଢଣରେ ତାଙ୍କର ଅନ୍ତରଙ୍ଗତା ଆଉ କବିତାମାନଙ୍କରେ ଛଳଛଳ ଭାବ ଓ ପ୍ରାର୍ଥନା ପରି ମୋହମୟ ଉପସ୍ଥାପନା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଚିହ୍ନାଏ । 'ଅସ୍ମିତାବୋଧ ଆମ ଭିତରେ ନିଜ ମାତୃଭାଷାକୁ ନେଇ ଆତ୍ମଗୌରବର ପୁଲକ ତିଆରି କରୁ ଓ ଉନ୍ମାଦନାରେ ଆମ ଅସ୍ତିତ୍ୱହୀନ ଅନ୍ତରକୁ ଭରୁ' ବୋଲି କଥା ରଖୁଥିବା ବିରଜାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୋ ବାପା ଜଣେ ପଠନପିପାସୁ ମଣିଷ ଥିଲେ। ପିଲାବେଳେ ଆମ ଘରକୁ ନିୟମିତ କିଛି ନା କିଛି ପତ୍ରପତ୍ରିକା ଆସୁଥିଲା । ମନ ପବନ, ଜହ୍ନମାମୁଁ ପରି ପତ୍ରିକା ସବୁ ନିୟମିତ ଆସୁ ଆସୁଥିଲା। ବାପା ମଧ ରାସ୍ତାକଡ ଫୁଥଫାଥରୁ କେବେ କେବେ ଆମ ପାଇଁ ଅମର ଚିତ୍ରକଥା ଓ ସେହିପରି ପିଲାଙ୍କ ଜ୍ଞାନ ସମୃଦ୍ଧ କରୁଥିବା ପତ୍ରିକା ସଂଗ୍ରହ କରି ନେଇ ଆସୁଥିଲେ। ସେସବୁ ପଢି କାହାଣୀ ପ୍ରତି କିପରି ଏକ ଦୁର୍ବଳତା ମୋର କୋମଳ ମାନସିକତାରେ ଅଙ୍କୁରିତ ହୋଇ ଯାଇଥିଲା । ପଠନ ପ୍ରତି ଆଗ୍ରହ ବୃଦ୍ଧି କରିବାରେ ବାପାଙ୍କର ପ୍ରୋତ୍ସାହନ କେବଳ ସେତିକିରେ ଅଟକି ନ ଥିଲା ବରଂ ଆମ କେନ୍ଦ୍ରାପଡ଼ା ତଥା ଓଡ଼ିଶାର ଅନ୍ୟତମ ପ୍ରାଚୀନ ଲାଇବ୍ରେରୀର ସଦସ୍ୟ ଥିବାରୁ ତାଙ୍କର କାର୍ଡରେ ମୁଁ ବଡ ଭାଇଙ୍କ ସହିତ ଯାଇ କେବେ ଡନ୍‌କୁଇଟ୍ସ କେବେ ଗଲିବର୍ ଟ୍ରାଭେଲ୍ସ ପରି ଓଡ଼ିଆରେ ଅନୁଦିତ ହୋଇଥିବା ବିଶ୍ୱ ସାହିତ୍ୟ ସବୁ ପଢିବାର ସୁଯୋଗ ପାଇଥିଲି। ସେହି ସମୟରେ ଡିଟେକ୍ଟିଭ୍ ସିରିଜ୍‌ର ଯେତେ ପୁସ୍ତକ ନିୟମିତ ଆଣି ପଢିବାରେ ପ୍ରଚୁର ଉତ୍ସାହ ଓ ଆଗ୍ରହ ରହିଥିଲା । ଏହି ସବୁ ଅଭ୍ୟାସ ପରୋକ୍ଷରେ ମୋ ଭାବନାର ଭୂମିରେ ଅଲକ୍ଷ୍ୟରେ ସୃଜନର ମଞ୍ଜି ରୋପଣ କରିବାକୁ ଆରମ୍ଭ କରିଥିଲା । ଆଇଏ ପଢୁଥିବା ସମୟରେ ଆମ ଘର ସନ୍ନିକଟ ଓଡ଼ିଆ ସାହିତ୍ୟର ଜଣେ ପାରମ୍ପରିକ ସାଧକ ଓ ଅବସରପ୍ରାପ୍ତ ଶିକ୍ଷକ କବି ପ୍ରସାଦ ମହାପାତ୍ରଙ୍କ ସମ୍ପର୍କରେ ଆସିଥିଲି । ତାଙ୍କ ପାଖରେ ଇଂରାଜୀ ଟ୍ୟୁସନ ହେବାକୁ ଯାଏ । ଦିନେ ଦିନେ ସେଇ ଉଦ୍ଦିଷ୍ଟ ଟ୍ୟୁସନ କ୍ଲାସଟି ତାଙ୍କ ଲିଖିତ ପାରମ୍ପରିକ କାବ୍ୟ ଓ ନାଟକ ଚର୍ଚ୍ଚାରେ ଅତିବାହିତ ହୋଇଯାଏ । ଦିନେ ସେହିପରି ଏକ ସୃଜନର ମଧୁର ବିସ୍ଫୋରଣରେ ମୋ ପ୍ରଥମ କବିତାର ଶବ୍ଦ ଯୋଡି ପଦ ପକାଇବା ଆରମ୍ଭ କରିଥିଲି, ତାହା ବୋଧହୁଏ ୧୯୮୯କି ୧୯୯୦ ମସିହାର କଥା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ନିଶ୍ଚୟ ପ୍ରଥମେ କବି ପ୍ରସାଦ ମହାପାତ୍ରଙ୍କ ନାମକୁ ହିଁ ନେବି । ଯଦିଓ ସୃଜନ ପ୍ରକ୍ରିୟାରେ ମୁଁ ଗୁରୁବାଦରେ ବିଶ୍ୱାସ ରଖେନା । ମୋର ଲେଖକୀୟ ଅନୁସନ୍ଧିତ୍ସା ଓ ତାହାର ନିରବଧି ଯାତ୍ରାରେ ଅନେକ ପୂର୍ବସୁରୀ ଓ ସମକାଳୀନ ଲେଖକମାନଙ୍କ ଦ୍ୱାରା ପରୋକ୍ଷରେ ବା ପ୍ରତ୍ୟକ୍ଷରେ ପ୍ରଭାବିତ ହୋଇଛି। କିନ୍ତୁ ଏ ବିଷୟରେ ଏକ ତାତ୍ତ୍ୱିକ ଉତ୍ତର ଦେବାକୁ ପସନ୍ଦ କରିବା ପୂର୍ବରୁ ଯେଉଁ କଥାଟିକୁ ମୁଁ ନିଶ୍ଚିତ ମୁକ୍ତ କଣ୍ଠରେ ସ୍ୱୀକାର କରିବି, ତାହା ହେଉଛି ମୋ କୋମଳ ସୃଜନ ଚେତନାରେ ଯଦି କିଏ ପ୍ରଥମରୁ ଝଙ୍କୃତ କରି ରଖିଥାଏ, ତାହା ହେଉଛି ପ୍ରେମ । ଯଦିଓ ଏହି ଭାବନା ହିଁ ମୋ କଅଁଳ ମାନସିକତାର ସିଲଟରେ ସୃଜନର ଆଦ୍ୟ ଅକ୍ଷର ମଡ଼େଇବାରେ ...ଦୋହରାଇବାରେ...ଧାଡି ପରେ ଆଉ ଏକ ଧାଡିକୁ ଫାନ୍ଦିବାର ଅନ୍ତରୀଣ ବଳ, ଏହି ପ୍ରେମ ହିଁ ଭରିଛି । ତାହା ଏତେ ନିରୀହ, ପବିତ୍ରତା ଓ ସଙ୍କୋଚତାରେ ଭରପୂର ଥିଲା ଯେ ଯାହାକୁ ମନରେ ରଖି ଏହି ଭାବନା ଦିଗରେ ଅଗ୍ରସର ହୋଇଛି, ତାକୁ ବହୁଦିନ ପର୍ଯ୍ୟନ୍ତ କେବେ ମୁହଁ ଖୋଲି ଭାବପ୍ରକାଶ କରି ପାରି ନ ଥିଲି । ଯେବେ କଲି, ସେତେବେଳେ ସମୟର ଗାଡି ଖୁବ୍ ଦୂର ଯାଏଁ ଚାଲି ଯାଇଥିଲା । କିନ୍ତୁ ଗୋଟିଏ ଅନିର୍ବାଣ ଶିଖା ପରି ମୋ ଭିତରେ ଏବେ ବି ସେହି ଭାବନା ତାର ନିତ୍ୟ ନୂତନ ସୃଜନଶୀଳତାରେ ମୋତେ ମୁଗ୍ଧ ଚକିତ କରି ରଖିଛି ଆଜିଯାଏଁ। ଇଏ ଗଲା ସୃଜନର ପ୍ରେରଣାକୁ ନେଇ ଗୋଟିଏ ପାଖ । ଯାହାକୁ ମୁଁ କହି ପାରିବି ଅର୍ଦ୍ଧସତ୍ୟ। ଅନ୍ୟ ଯେଉଁ ନାଆଁଟି ବାକି ଅସମ୍ପୂର୍ଣ୍ଣ ଥିବା ସତ୍ୟକୁ ଚିହ୍ନାଇଲା... ଜୀବନକୁ ଏକ ସମଗ୍ର ଭାବରେ ବୁଝିବାକୁ ...ଭଲ ପାଇବାକୁ... ଗ୍ରହଣ କରିବାକୁ ଏକ ନିଷ୍କପଟ ଦୃଷ୍ଟି କୋଣ ମୋ ଭିତରେ ଭରିଦେଲା, ସେ ବ୍ୟକ୍ତି ହେଉଛନ୍ତି ମୋର ପ୍ରିୟ ଚିତ୍ତ ଭାଇ ବା ଓଡ଼ିଆ ସାହିତ୍ୟର ପ୍ରତିଥଯଶା ସାହିତ୍ୟିକ,ମୁକ୍ତ ଚିନ୍ତକ, ପ୍ରାବନ୍ଧିକ ଓ ଅନୁବାଦକ ଚିତ୍ତରଞ୍ଜନ ଦାସ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୁଁ ପ୍ରଥମରୁ କହିଛି, ସାହିତ୍ୟରେ କିଛି ପ୍ରକାଶ କରିବା ଯେପରି ଭାଲୁକୁଣୀ ଓଷାବେଳେ ପୋଖରୀ ଭିତରେ ପଶି କଇଁ ଫୁଲ ସଂଗ୍ରହ କରିବା । ବେଳ ବୁଡି ଆସୁଥିବ, ଗୋଟିଏ ହାତରେ ଏକାଧିକ କଇଁ ଫୁଲ ସଂଗ୍ରହ ବି ସରିଥିବ, କିନ୍ତୁ ମନ ମାନୁ ନ ଥିବ ପଛକୁ ପାଦ ଫେରେଇବା ପାଇଁ। ଇଏ ପ୍ରେମ ଆଉ ସୌନ୍ଦର୍ଯ୍ୟର ଏମିତି ଏକ ଫେଣ୍ଟାଫେଣ୍ଟି ନିଶା । କାହିଁକି, କିପରି ଓ କେତେବେଳେ କଇଁ ପୋଖରୀର ଆକର୍ଷଣ ପରି ସେହି ବିମୁଗ୍ଧ ଭାବର ଦଳଦଳ ଭିତରେ ଜଣେ ପଶିଯାଏ ତ ପଶିଯାଏ । ପ୍ରାୟ ସମସ୍ତଙ୍କ ପରି ମୋର ମଧ କବିତାରୁ ଯାତ୍ରା ଆରମ୍ଭ । ତା' ପରେ ଗପ, ପ୍ରବନ୍ଧ, ଫିଚର, ସମ୍ପାଦନା ଏହି ପରି ବିଭିନ୍ନ କ୍ଷେତ୍ରକୁ ସମ୍ପ୍ରସାରିତ ହୋଇ ସାରିଛି । ଏହା ଭିତରେ ତିନି ଦଶନ୍ଧିର ଗାରକୁ ଛୁଇଁବା ଛୁଇଁବା ହୋଇ ଯିବଣି ମୋ ସୃଜନର ଯାତ୍ରା । ପ୍ରଥମ ଲେଖାବେଳେ ମୋ ସମୟର ଚାରିପାଖ ରକ୍ଷଣଶୀଳ ସମାଜର ବ୍ୟବସ୍ଥା ଭିତରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ଲେଖକୀୟ ଯାତ୍ରା ଆରମ୍ଭ କରିଥିଲି, ଆଜି ସେଥିରେ ଅନେକ ବାଗରେ ସଂସ୍କରଣ ହୋଇ ମୋ ଚେତନାକୁ ସମୃଦ୍ଧ କରି ଚାଲିଛି ।

■ କବିତା ନା ଗଳ୍ପ, କିଏ ଦେଇଛି ଅଧିକା ଆନନ୍ଦ ? କୋଉଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? ସୃଜନଶୀଳତା କ୍ଷେତ୍ରରେ ଉଦରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ କବିତା ମୋ ପାଇଁ ଚେତନାର ଆରୋହ , ନିଜର ଆତ୍ମସତ୍ତା ସହ ଏକ ନିମଜ୍ଜିତ ଆବେଗସିକ୍ତ ଯାତ୍ରା । ହେଲେ ଗପ ମୋ ପାଇଁ ସେହି ଝଲକାଏ ଶିଖର ଉପଲବ୍ଧି ସହ କଥାକାରିଗରୀର କସରତ । କବିତାରେ ମୁଁ ଆତ୍ମାର ଧାପେ ଉତ୍ତାଳ ସ୍ୱର୍ଶ ପାଇଁ ଆତୁର ହୁଏ, ନିମଜ୍ଜି ଯାଏ । ଆରୋହର କେଉଁ ଏକ ଅନିର୍ଦ୍ଦିଷ୍ଟ ବିନ୍ଦୁରେ ନିଜକୁ ହଜେଇ ଦିଏ । ହେଲେ ଗପ ଲେଖିଲା ବେଳେ ଯେଉଁ ପୁଲକଟିଏ, ଯେଉଁ ଭାବନାଟିଏ, ଯେଉଁ ଚକିତପଣଟିଏ , ଯେଉଁ ଆନ୍ଦୋଳିତ ମୋଡଟିଏ, ମୋ ଉପଲବ୍ଧିକୁ, ମୋ ଚେତନାକୁ, ମୋ ଜାଗ୍ରତପଣକୁ, ମୋ ସମଗ୍ର ସଜ୍ଞାନକୁ ପ୍ରଭାବିତ କରେ, କିଛି କ୍ଷଣ ପାଇଁ ଦ୍ୱିଗୁଣ କରିଦିଏ । ମୁଁ ସେହି ଭାବବିନ୍ଦୁରୁ କଥାକାରିର ପ୍ରସ୍ତୁତିକୁ ନେଇ ଅବରୋହଣ କରେ। ଗୋଟିଏ ପ୍ଲଟ କୋଡୋଟି ଚରିତ୍ରକୁ ବାନ୍ଧି ରଖିଥିବାରେ ସମର୍ଥ ଏବଂ ଗଳ୍ପକଳାରେ ରସୋଦିତ ଗପ ହିଁ ପାଠକକୁ ଛୁଇଁଥାଏ । ଯଦି ପାଠକଟିକୁ କେଉଁ ନା କେଉଁ ଭାବରେ ତାକୁ କ୍ଷଣିକ ପାଇଁ ଚହଲେଇ ଦେଲା, ଆଚ୍ଛାଦିତ କରି ପକାଇଲା ତେବେ, ସେତିକିରେ ମୋର ଗଳ୍ପର ସାର୍ଥକତା ବୋଲି ଭାବେ। ଗପ ପାଇଁ ଗଢଣ କଳାରେ ମାହିର ହେବାର ଯେପରି ଆବଶ୍ୟକତା ରହିଛି, ଭଲ କବିତା ପାଇଁ ସେପରି ପ୍ରେମିକପଣରେ ବା ସମର୍ପିତ ଉର୍ଦ୍ଧ୍ୱାୟନରେ ନିଜକୁ ନିଃସ୍ୱ କରିବାର ଆକୁଳତାର ଆବଶ୍ୟକତା ବି ରହିଛି। ଆଚରଣ ଓ ଉଚ୍ଚାରଣରେ ତଫାତ ରହିଲେ ଏହି ପରି ଆମେ ବିରୋଧାଭାସକୁ ଭେଟିବା। ସୃଜନମନସ୍କ ମଣିଷ ଯଦିଓ ଏହି ସଂସାରର ଉଠପଡ଼, ଧାଁ ଦୌଡ ଭିତରେ ଗତି କରୁଥିବା ଗୋଟିଏ ସାଧାରଣ ମାମୁଲି ମଣିଷ, ଯାହା ହେଲେ ଟିକେ ସ୍ଖଳନ ସହିଯିବା କଥା କିନ୍ତୁ ଯଦି ଭାଗମାପରେ ତାରତମ୍ୟ ଅସହନୀୟ ହୁଏ, ସେଠି ଏହିଭଳି ଉଦାରତାର ଅଭାବ ବ୍ୟକ୍ତିତ୍ୱର ବିଷମ ଦିଗ ପରି ଜଣାପଡେ।



■ ଅକ୍ଷରେ ବିରଜା ରାଉତରାୟ

ଜନ୍ମ- ୨୦ ଜୁନ , ୧୯୭୩
ପିତା: ସ୍ୱର୍ଗତ ଶ୍ରୀଧର ରାଉତ
ମାଧପୁର, କେନ୍ଦ୍ରାପଡା
ପିନ୍-୭୫୪୨୧୧
(ମୋ) ୯୬୫୮୮୧୦୨୪୪

**ପ୍ରକାଶିତ ପୁସ୍ତକ:**

**ଗଳ୍ପ**
୧-ଗହଳି ଆରପଟେ(୨୦୦୭)
୨-ବହୁ ବଚନ(୨୦୧୦)
୩-ପ୍ରତିପକ୍ଷର ହସ(୨୦୧୧)
୪-ବିଷମ ବାହୁ (୨୦୧୩)
୫-ପୂର୍ଣ୍ଣ ଓ ଶୂନ୍ୟ (୨୦୧୬)
୬-ତାରାଭର୍ତ୍ତି ଆକାଶ (୨୦୧୮)
୭-ନୂଆ ଗପର ଇଏମ୍‌ଆଇ (୨୦୨୪)
୮- ସବୁ ମୋଡ଼ରେ ଜୀବନ (୨୦୨୪) (ଭିନ୍ନକ୍ଷମତା ସମ୍ପର୍କିତ ଓଡ଼ିଆ ପ୍ରେରଣାଦାୟୀ ଗଳ୍ପ ସଙ୍କଳନର ସଂପାଦନା)

**କବିତା**
୧-କେମିତି ଭିଜିଯାଏ ବର୍ଷା (୨୦୦୪)
୨-ଆତ୍ମଦର୍ଶନ(୨୦୦୭)
୩-ସନ୍ଧିକାଳ (୨୦୧୧)
୪-ଅଭିଷେକ ହୃଦୟର (୨୦୧୫)
୫-ନୂଆ ଜହ୍ନ ଉଇଁଛି (୨୦୨୪)

**ପ୍ରବନ୍ଧ-** ସ୍ମୃତି ଓ ବିସ୍ମୃତି

ଅନୁଶୀଳନ ଓ ଗବେଷଣାଧର୍ମୀ ବାର୍ଷିକ ପତ୍ରିକା 'କେନ୍ଦ୍ରାପଡା ଏକ ବିହଙ୍ଗାବଲୋକନ'ର ୫ଗୋଟି ସଂଖ୍ୟା ଓ 'କେନ୍ଦ୍ରାପଡା ପରିକ୍ରମା'ର ୧୫ ଗୋଟି ସଂଖ୍ୟାର ସମ୍ପାଦନା ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଆଦୌ ନୁହେଁ ତ କହିପାରିବିନି। କିନ୍ତୁ ଏ ଦିଗରେ ମୋର ଭିନ୍ନ ଦୃଷ୍ଟି ନିଶ୍ଚୟ ରଖିବି। କହି ରଖେ ଆମେ ଏବେ ମାତୃଭାଷାର ସଙ୍କଟ କଥା କହୁଛେ। କିନ୍ତୁ ଆମ ଦୃଷ୍ଟିକୋଣରେ ୩୦ ବର୍ଷ ତଳର ପୃଷ୍ଠଭୂମିକୁ ଜାବୋଡ଼ି ଧରି ରଖିଛେ। ଷାଠିଏ ସତୁରି ଦଶକରେ ଓଡ଼ିଶାରେ ସାମାଜିକ ଅବସ୍ଥାରେ କେବଳ ଓଡ଼ିଆ ଭାଷାରେ ଶିକ୍ଷିତ ହେବା ଏକ ଆହ୍ୱାନ ଥିଲା। କାରଣ ସେତେବେଳର ସାମାଜିକ ଓ ଶୈକ୍ଷିକ ବ୍ୟବସ୍ଥା ଆମକୁ ଏକାଭାଷୀ ହେବାର ମାର୍ଗ ଦେଖାଉଥିଲା। ଝିଅଟିଏ ବା ପୁଅଟିଏ ଓଡ଼ିଆ ଭାଷାରେ ଚାଟଶାଳୀ ବା ବିଦ୍ୟାଳୟରୁ ଅଧୟନ କରି ପଢି ପଢି ଭାଗବତରୁ ଅଧାୟେ, ଭଞ୍ଜ କିମ୍ବା ରାଧାନାଥକୁ ପଢୁଥିଲା। ଓଡ଼ିଆରେ ସମାଜ ବା ପ୍ରଜାତନ୍ତ୍ର ଖବର କାଗଜଟିଏ ପଢି ଦେଶ ବିଦେଶର ଖବର ବି ଜାଣିବା ତା ପାଇଁ ବହୁତ ବଡ଼ ଉପଲବ୍ଧିଟିଏ ଥିଲା । କିନ୍ତୁ ନବେ ଦଶକ ପରେ ଯେତେବେଳେ ନୂଆ ଅର୍ଥନୀତି ଆମର ସାମାଜିକ, ଶିକ୍ଷାଗତ ଓ ଯୋଗାଯୋଗ ବ୍ୟବସାୟ ବୃତ୍ତିଗତ ପରି ବିଭିନ୍ନ କ୍ଷେତ୍ରକୁ କବଳିତ କରି ପୃଥିବୀକୁ ଏକ ବିଶ୍ୱାୟନ ଆଡକୁ ନେଇ ଗତିକଲା। ସେତେବେଳେ ଓଡ଼ିଆଭାଷୀ ମଣିଷ ପାଇଁ କେବଳ ଏକଭାଷୀ ହୋଇ ଅଟକି ଯିବାଟା ଏକ ସୀମିତ ବ୍ୟାପାର ଛଡା ଆଉ କିଛି ନୁହେଁ ବୋଲି ବିଚାର କରାଗଲା। ଏହି ପରିପ୍ରେକ୍ଷୀରେ ଆମେ ଏକ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ପାଦ ଥାପି ସାରିଛେ । ଏହି ନୂଆ ସମୟରେ କେବଳ ଓଡ଼ିଆ ଭାଷା ପାଇଁ ମମତ୍ୱ ରଖିଲେ ହେବ ନାହିଁ । ପୃଥିବୀର ଅନ୍ୟ ସମୃଦ୍ଧ ଭାଷା ଓ ଯୋଗାଯୋଗର ଭାଷା ସହ ନିଜକୁ ଜଣେ ଓଡ଼ିଆ ସାମିଲ କରି ପାରିଲେ ଯଥାର୍ଥରେ ନିଜ ମାତୃଭାଷାକୁ ଭଲ ପାଇ ନ୍ୟାୟ ଦେବା ସହିତ ଏକ ବିଶ୍ୱମାନବ ହୋଇ ପାରିବ । ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ନିଜ ଭାଷା ସାହିତ୍ୟକୁ ମଧ ପରିପୃଷ୍ଟ କରି ପାରିବ ।



ଯାହା ବିନା ଜୀବନ ଅଧୁରା : ପ୍ରାଣପ୍ରିୟା ପତ୍ନୀ ବନସ୍ମିତାଙ୍କ ସହିତ କବି ବିରଜା...

■ ସାହିତ୍ୟର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? ଗଳ୍ପ କି କବିତା ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯେ ପର୍ଯ୍ୟନ୍ତ ମଣିଷ ଭିତରେ ମାନବୀୟ ଚେତନାର ଶେଷ ସୂର୍ଯ୍ୟରଶ୍ମୀର ସମ୍ଭାବନା ରହିଛି ସେ ପର୍ଯ୍ୟନ୍ତ ମୁଁ ସାହିତ୍ୟ ଭିତରେ ସମ୍ଭାବନକୁ ଦେଖି ପାରୁଛି । ଯାବତୀୟ ଅର୍ଥନୈତିକ ଓ ଟେକ୍ନୋଲୋଜିର ଆଧିପତ୍ୟ ମଣିଷ ଜୀବନଧାରାକୁ ଯେତେ ନିୟନ୍ତ୍ରିତ କଲେ ମଧ ମଣିଷ ଭିତରର ସୂକ୍ଷ୍ମ ମାନବୀୟ ପ୍ରତିକ୍ରିୟା ଜୀବିତ ଥିବା ପର୍ଯ୍ୟନ୍ତ ସାହିତ୍ୟ ମଣିଷ ପାଇଁ ଅଲୋଡା ପାଲଟିବ ନାହିଁ । ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କହିବି ଯଦିଓ ପରିବର୍ତ୍ତନକୁ ଆମେ ଏକ ସୁଦୃଶ୍ୟ ମାପକାଠିରେ ତୁଳନା କରିବା, ତେବେ ମୁଣ୍ଡ ହଲାଇ ସବୁଠାରୁ ବଡ 'ନା' ହିଁ କହିବି । ଗପ କିମ୍ବା କବିତା ପଢି ଏକ ଚମତ୍କାର ପରି ପାଠକର ଜୀବନ ବା କାହାର ଜୀବନ ଦୋହଲି ଯାଏନା ସତ କିନ୍ତୁ ବୁଢିଆଣୀ ଜାଲ ପରି ତାହା ଭିତରେ ଭିତରେ ଆମ ଅନ୍ତଃଚେତନାକୁ ରାହୁ ଗ୍ରାସିଲା ପରି ଗ୍ରାସ କରି ପକାଇଥାଏ ।

■ ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୁରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?

■■ ଏ ବିଷୟରେ ନିହାତି ଗୋଟିଏ ଶବ୍ଦ ମୁଁ ପ୍ରଥମେ ଉଚ୍ଚାରଣ କରିବି,ତାହା ହେଉଛି 'ଆତ୍ମ ଗୌରବ'। ନିଜ ଦଶାକୁ ନେଇ ସାଢେ ଚାରି କୋଟି ଜନସଂଖ୍ୟାରୁ ଉର୍ଦ୍ଧ୍ୱ ଏ ଓଡିଆ ଜାତି ନିଜ ମାତୃଭାଷାକୁ ନେଇ ଆତ୍ମଗୌରବର ଭାବଟିଏ ତିଆରି କରି ପାରିଲା ନାହିଁ । ଯଦିଓ ଇତିହାସ କହେ ଭାଷାକୁ ନେଇ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ। ୧୯୩୬ରୁ ୨୦୩୬ ଛୁଇଁବାପାଇଁ ଏହି ଶହେ ବର୍ଷକୁ ଅଳ୍ପ ବର୍ଷ ମାତ୍ର ବାକି। ତଥାପି ଓଡ଼ିଆ ଭାଷାକୁ ସାଢେ ଚାରିକୋଟି ଲୋକଙ୍କ ମୁହଁର ଭାଷା ଭାବେ ଯେଉଁ ସମ୍ମାନ ଓ ସ୍ୱୀକୃତିର ସ୍ତରକୁ ଛୁଇଁବା କଥା; ଅବସୋସ ସେତିକି ଛୁଇଁ ପାରିଲାନାହିଁ। ସୌଭାଗ୍ୟକୁ ଆମେ ଏବେ ଓଡ଼ିଆ ଅସ୍ମିତା କଥା କହୁଛେ। ଅନ୍ତତଃ, ସେହି ଅସ୍ମିତାବୋଧ ଆମ ଭିତରେ ନିଜ ମାତୃଭାଷାକୁ ନେଇ ଆତ୍ମଗୌରବର ପୁଲକ ତିଆରି କରୁ, ଉନ୍ମାଦନାରେ ଆମ ଅସ୍ତିତ୍ୱହୀନ ଅନ୍ତରକୁ ଭରୁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାରର ଯେ କିଛି ଗୁରୁତ୍ୱ ନାହିଁ, ଏ କଥା କେବେ କହିବି ନାହିଁ।ପୁରସ୍କାର ପ୍ରତିଭାକୁ ପ୍ରେରଣା ଓ ଉତ୍ସାହ ଦେବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ରଖିଥାଏ । କିନ୍ତୁ ବ୍ୟକ୍ତିଗତ ଭାବେ ମୁଁ କେଉଁ ଅଜଣା ପାଠକ ବା ପାଠିକାର ଛାତିର ନିଭୃତ କୋଣ୍ରେ ଗୋଟିଏ ଅସପନ୍ ଲେଖକୀୟ ଆସନଟିଏ ପାଇଗଲେ ମୋ ପାଇଁ କୋଟିଏ ଟଙ୍କାର ପୁରସ୍କାର ପରି ମନେ ହୁଏ । ସେ କବିତା ହେଉ କି ଗପ କିମ୍ବା ଅନୁଭୂତି, ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭରା ଶ୍ରାବଣର ଗର୍ଭିଣୀ ଆକାଶ ଯେମିତି ମାଟିକୁ ଓଦା ଓଦା ହୋଇ ଛୁଇଁବା ପରି ଦିଶେ,ସେମିତି ଜୀବନର ପ୍ରତିଟି ମୁହୁର୍ତ୍ତକୁ ନିଜ ଦୁଇ ଉନ୍ମୁକ୍ତ ବାହୁରେ ଭରି ତା'ର ସାରସଙ୍ଗୀତକୁ ସାହିତ୍ୟରେ ପରିଶି ଦେବାକୁ ଚାହେଁ ।

♥♥



ଦୁଇ ପ୍ରିୟ ମଣିଷ : ବୋଉ ଓ ପତ୍ନୀଙ୍କ ସହିତ କବି କଥାକାର ବିରଜା ରାଉତରାୟ ......

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୧୧



**ମୋର ଗାଁ ବଡମଉଦା ହେଉଛି ବଣଜଙ୍ଗଲ ଘେରା ଏକ ପାହାଡତଳି ଗାଁ । ଯେଉଁଠି କଉଡିଛୁଆଁ ପାହାଡ ମଥାନରେ ରାଜୁତି କରେ ଧଳା ଧଳା ମେଘର ଚାନ୍ଦୁଆ । କୁଡୁଚି ଫୁଲର ମହକରେ ଭିଜେ ରାତି ଆଉ ମହୁଲଫୁଲର ବାସ୍ନାରେ ମହକିତ ହୁଏ ଦିନସବୁ। ପାହାଡ ମଥାରୁ ଫିଟି ପଡୁଥିବା ଝରଣା ଭିଜାଏ ଗାଁ ମାଟିକୁ ।**

ଟ୍ରେନ ଛୁକ ଛୁକ ଶବ୍ଦ କରି ଚାଲୁଥାଏ ନେରୋଗଜ ଟ୍ରାକରେ । ଇଞ୍ଜିନରୁ ବାହାରୁଥିବା କଳା ଧୂଆଁ ଆକାଶର ମଥାନ ଛୁଉଁଥାଏ । ମଝିରେ ମଝିରେ ବାଜୁଥାଏ ହର୍ଣ୍ଣ । ଲାଗୁଥାଏ ଯେମିତି ଏକ ବିରାଟକାୟ ଦୈତ୍ୟ ବିକଟାଳ ନାଦ କରିବା ସହିତ ମୁଖରୁ ଅଗ୍ନି ବର୍ଷା କରି ମାଡି ଯାଉଛି ଆଗକୁ । ରେଳଧାରଣାର ଦୁଇ କଡରେ ଥିବା ଗଛବୃଛ, କୋଠାବାଡି ସେଇ ବିରାଟ ଦୈତ୍ୟକୁ ବାଟ ଛାଡି ଦେଉଛନ୍ତି ଭୟରେ । ଆଉ ସେଇ ଦୈତ୍ୟ ପେଟରେ ମୁଁ । ହେଁ ,ଏଇ କଥା ମନେପଡି ମୁଁ ମୁହୂର୍ତ୍ତକ ପାଇଁ ଥରିଯାଏ ଭୟରେ । ଫେରେଇ ଆଣେ ମୁହଁ ଟ୍ରେନ ଭିତରକୁ ।

ଟ୍ରେନ ଭିତରେ ସିଟରେ ଯେତିକି ଲୋକ ବସିଥାନ୍ତି ତଳେ ବସିଥାନ୍ତି ସେତିକି ଲୋକ । ଗେଟ ଯାଏଁ ଲମ୍ୱିଥାଏ ଲୋକଙ୍କ ଭିଡ । ଟ୍ରେନ ଭିତରେ ଚାଲିବାକୁ ହେଲେ ବସିଥିବା ଲୋକଙ୍କୁ ଆଡେଇ ଚାଲିବାକୁ ହେବ । ଆଉ ସବୁଠାରୁ ମଜା କଥା ହେଲା, ଖାଲି କଣ ଲୋକ ..... ଯେତିକି ଲୋକ ଥାନ୍ତି ତାଠାରୁ ଅଧିକ ଥାଏ ବଡ ବଡ ପରିବାଝୁଡି, ଲୁଗାଗଣ୍ଠିଲି, ବଡ ବଡ କଣା ଥିବା ଝୁଡିରେ ଥାଏ କୁକୁଡା ଚିଆଁ । କିଛି ଲୋକ କୋଳରେ ଛୁଆକୁ କୁଣ୍ଢେଇଲା ପରି ନିଜ କୋଳରେ ଭାରି ଆଦରରେ କୁଣ୍ଢେଇ ଧରିଥାନ୍ତି କୁକୁଡାଶଣ୍ଢ ଓ ଛୋଟ ଛେଳିଛୁଆକୁ । ଏକ ପ୍ରକାର ଉଷୁମୁଳିଆ ଗନ୍ଧ ଭାସି ବୁଲୁଥାଏ ବଗି ସାରା । ମାଆ ଲୁଗାକାନିକୁ ନାକରେ ଜାକି ଚୁପଚାପ ବସି ଟ୍ରେନ ବାହାରକୁ ଚାହିଁଥାନ୍ତି । ବାବା ତଳେ ଗୋଡ ରଖିବାକୁ ଜାଗା ନ ଥିବାରୁ ସିଟ ଉପରେ ଚେକାମାଡି ପକେଇ ବସିଥାନ୍ତି । ଏସବୁ ଦେଖି ମୋ ମନର ଭୟ କୁଆଡେ ଉଡନ୍ଛୁ ହୋଇଯାଏ । ମୋତେ ଭାରି ମଜାଲାଗେ । ମୁଁ ହାତ ବଢାଏ ଛେଳିଛୁଆ ଆଡକୁ । ତଳେ ବସିଥିବା ସ୍ତ୍ରୀଲୋକଟି ମୋ ଆଡକୁ ବଢେଇ ଦିଏ ଛେଳିଛୁଆଟିକୁ । ଆହାଃ ! କେଡେ ନରମ ଆଉ ମୁଲାୟମ ସେଇ ଛେଳି ଛୁଆର ଦେହ ।

ଷ୍ଟେସନ ପରେ ଷ୍ଟେସନ ଆସୁଥାଏ । ଗୋଟିଏ ଷ୍ଟେସନରେ ଦୁଇ ତିନି ମିନିଟ ରହି ପୁଣି ଥରେ ଟ୍ରେନ ମାଡି ଯାଉଥାଏ ନିଜର ଗନ୍ତବ୍ୟ ପଥରେ । ଛୋଟିଆ ଛୋଟିଆ ପେସେଞ୍ଜର ହଲ୍ଟ । କିଛି ଲୋକ ଓହ୍ଲାଉଥାନ୍ତି ଆଉ କିଛି ଚଢୁଥାନ୍ତି । ମଝିରେ ଆସେ ଷ୍ଟେସନ ହଳଦୀପୁକୁର । ଏଇଠି ଟ୍ରେନ ଟିକେ ଅଧିକ ସମୟ ରହେ । ଅଧିକାଂଶ ତଳେ ବସିଥିବା ଲୋକ ଏଇଠି ଓହ୍ଲେଇଯାଆନ୍ତି । ବାବା ବି ଓହ୍ଲାନ୍ତି ତଳକୁ । ସେଇ ଷ୍ଟେସନରେ ବଢିଆ ଲୁଚି, ଆଳୁଦମ ମିଳେ । କାଠ ଷ୍ଟାଣ୍ଡ ଉପରେ ବାଉଁଶ ବେତା ରଖି ଗରମାଗରମ ଲୁଚି-ଆଳୁଦମ୍, ଲୁଚି-ଆଳୁଦମ ଚିତ୍କାର କରୁଥିବା ଧୋତିକୁର୍ତ୍ତା ପିନ୍ଧା ବୁଢା ଶାଳପତ୍ର ଦୋନାରେ ଚାରିଟା ଲୁଚି ଉପରେ କିଛି ଆଳୁଦମ ପକେଇ ବଢେଇ ଦିଏ ଗୋଟେ ପରେ ଗୋଟେ ଦୋନା । ବାବା ଟ୍ରେନର ଝରକା ଦେଇ ଆମ ସମସ୍ତଙ୍କୁ ଦିଅନ୍ତି ଗୋଟେ ଗୋଟେ ଦୋନା । ଖାଇସାରି



ବାବାମାଆ ମଲେଇବାଲା ଚାହା ପିଅନ୍ତି । ଚାହାବାଲା ଛୋଟ ଛୋଟ ମାଟି ଗ୍ଲାସରେ କେଟଲୀରୁ ଚାହା ଢାଳି, ତାଉପରେ ଗିନାରେ ଥିବା କ୍ଷୀରସରରୁ ଚାମୁଚିଏ ପକେଇ ବଢେଇ ଦେଇ କହିବ, “ ବାବୁଜୀ, ଚାଏ ଲିଜିଏ, ମଲେଇ ମାରକେ ।”

ଚାହା କେବଳ ବାବାମାଆଙ୍କ ପାଇଁ ଆସେ । ପିଲାମାନଙ୍କୁ ଚାହା ଦିଆହୁଏନା । ହେଲେ ମୋର ପ୍ରବଳ ଲୋଭ ସେଇ ମଲେଇବାଲା ଚାହାରେ । ମୁଁ ବିକଳ ହେଇ ମାଆର ଚାହା ଗ୍ଲାସକୁ ଚାହିଁଥାଏ । ମାଆ ଗ୍ଲାସରେ ଢୋକେ ଚାହା ରଖି ଲୁଚେଇ ବଢେଇ ଦିଅନ୍ତି ମୋ ହାତକୁ, ଯେମିତି ବାବା ନ ଦେଖନ୍ତି । ମୁଁ ଚାହା ପିଇ ସାରିଲା ପରେ ବି ଶୁଙ୍ଘୁଥାଏ ସେଇ ଗ୍ଲାସକୁ । ଚାହା ସହିତ ସେହି ସୁକୁମାର ବାସ୍ନା, ଭିନି ଭିନି ଖୁସବୁ ଗୋଳେଇ ମିଶେଇ ଯାଏ ମୋର ସାରା ଦେହରେ ।

ହଳଦୀପୁକୁର ଷ୍ଟେସନ ହେଉଛି ସେତେବେଳର ବିହାର ଓ ଏବେର ଝାଡଖଣ୍ଡ ରାଜ୍ୟର ଶେଷ ସୀମା । ତାପରେ ଆରମ୍ଭ ହୁଏ ଓଡିଶା ସୀମା । ଓଡିଶା ସୀମାର ପ୍ରଥମ ଷ୍ଟେସନ ହେଉଛି ଅଁଳାଯୋଡି । ଏଠାରୁ ସବୁ ଷ୍ଟେସନର ନାମ ଇଂରାଜୀ ସହିତ ଓଡିଆରେ ମଧ୍ୟ ଲେଖା ହୋଇଥାଏ ।

ପାଖାପାଖି ଏଗାରଟା / ସାଢେ ଏଗାରଟା ବେଳକୁ ଟ୍ରେନ ମୋ ଗାଁ ଦେଇ ଯାଏ ।

ମୋର ଗାଁ ବଡମଉଦା ହେଉଛି ବଣଜଙ୍ଗଲ ଘେରା ଏକ ପାହାଡତଳି ଗାଁ । ଯେଉଁଠି କଉଡିଛୁଆଁ ପାହାଡ ମଥାନରେ ରାଜୁତି କରେ ଧଳା ଧଳା ମେଘର ଚାନ୍ଦୁଆ । କୁଡୁଚି ଫୁଲର ମହକରେ ଭିଜେ ରାତି ଆଉ ମହୁଲଫୁଲର ବାସ୍ନାରେ ମହକିତ ହୁଏ ଦିନସବୁ। ପାହାଡ ମଥାରୁ ଫିଟି ପଡୁଥିବା ଝରଣା ଭିଜାଏ ଗାଁ ମାଟିକୁ । ଗାଁର ଦକ୍ଷିଣ ସୀମାକୁ ଲାଗି ପ୍ରବାହିତ ହେଉଥିବା ତନୁପାତେଳୀ ଗୁରେଇ ନଈ ଗାଁର କ୍ଷୀଣ କଟିରେ ଅଂଟାସୂତା ପରି ଶୋଭା ପାଉଥାଏ । ସନ୍ଧ୍ୟା ନଇଁଲେ ପାହାଡପର୍ବତ ଡେଇଁ, ଶାଳ ଜଙ୍ଗଲ ଉପର ଦେଇ ସିର୍ ସିର୍ ହେଇ ବୋହୁଥିବା ହେମାଳ ପବନ ଦେହମନ ଉଲୁସେଇ ଦିଏ । ଏମିତି ଏକ ପ୍ରାକୃତିକ ପରିବେଶ ଭିତରେ ବସିଥିଲା ମୋ ଛୋଟିଆ ଗାଁ । ଆଉ ସେଇ ଗାଁର ଉତ୍ତର ମୁଣ୍ଡରେ , ରେଳଧାରଣାକୁ ଲାଗି ଥିଲା ଆମ ଘର । ଢାଉ ରଙ୍ଗର ମାଟିରେ ଲିପାପୋଛା, ନାଲିଛିଆ ଖପରଲି ଢଙ୍କା ଏକ ଚିତ୍ରକରର ହାତ ଅଙ୍କା ଚିତ୍ର ପରି ଘର । ସେଇ ଘରେ ରହୁଥିଲା ଜେଜେମାଆ । ଘରର ସର୍ବମୟ କର୍ତ୍ତ୍ରୀ । ସେ ଘରେ ମଣିଷ ତ ମଣିଷ ଘରର ପାଣିପାବନ, କାନ୍ଥବାଡ ବି ତାର ଆଦେଶରେ ଉଠବସ ହେଉଥିଲେ ।

ଆମ ଘର ସାମ୍ନାରେ ଗୋଟେ ନାଲିଗୋଡି ପକା ରାସ୍ତା ଆଉ ତା ସେପଟକୁ ରେଳଧାରଣା। ଟାଟାନଗର –ବାଦାମପାହାଡ ଟ୍ରେନ ଆମ ଘର ସାମ୍ନା ଦେଇ ଯାଏ ଆଗକୁ, ଗୋରୁମହିଷାଣୀ ଷ୍ଟେସନ ଯାଏଁ । ଆଉ କିଛି ସମୟ ପରେ ଯାତ୍ରୀ ନେଇ ପୁଣି ସେଇ ରାସ୍ତା ଦେଇ ଫେରେ ଆଉ ଯାଏ ରାଇରଙ୍ଗପୁର ଯାଏଁ। ସେତେବେଳେ ମୋବାଇଲ ବା ଟେଲିଫୋନର ପ୍ରଚାଳନ ନ ଥିଲା କହିଲେ ଚଳେ । ଚିଠି ଯିବା ଆସିବାରେ ଅନେକ ସମୟ ଲାଗୁଥିଲା । ସେଥିପାଇଁ ଆମ ଘରେ ଗୋଟେ ଧରାବନ୍ଧା ନିୟମ ଥିଲା ଯେ ସବୁଦିନ ଟ୍ରେନ ଘର ସାମ୍ନା ଦେଇ ଗଲା ବେଳେ ଘରର କେହି ନା କେହି ଆସି ରେଳଧାରଣା କଡରେ ଆସି ଛିଡା ହେବେ । ଆଉ ଆସୁଥିବା ଲୋକ ଟ୍ରେନର ଦରଜା ପାଖକୁ ଆସି ହାତ ହଲେଇବେ, ଯାହା ଦ୍ୱାରା ଜଣା ପଡିଯିବ ଆଜି ଘରକୁ କିଏ ଆସୁଛନ୍ତି । ଆମେ ଯେତେଦିନ ଗାଁରେ ରହୁ ଟ୍ରେନର ହର୍ଣ୍ଣ ଶବ୍ଦ ଶୁଣିବା କ୍ଷଣି ଦଉଡୁ ରେଳଧାରଣା କଡକୁ । ବାବା, ଟ୍ରେନ ଗାଁ ପାଖାପାଖି ହେଇଗଲେ ଟ୍ରେନର ଦରଜା ପାଖକୁ ଉଠିଯାଆନ୍ତି ଆଉ ହାତ ହଲେଇ ଜଣେଇ ଦିଅନ୍ତି ଆମେ ଆସିବା କଥା । ଯଦିଓ ଆମକୁ ଟ୍ରେନ ଦରଜା ଯାଏଁ ଯିବାକୁ ଦିଆହୁଏ ନାହିଁ, ଆମେ କିନ୍ତୁ ଟ୍ରେନ ଝରକା ଦେଇ ହାତ ହଲାଉ ।

ଆମେ ଆସିବା କଥା ଜାଣି ଜେଜେମାଆକୁ ଆଉ ତାର ସହେନା । ସିଏ ସାଙ୍ଗେ ସାଙ୍ଗେ ଆମ ଘରର ହଳିଆ ସମାରୁ ଭାଇକୁ ଶଗଡଗାଡି ସଜିଳ କରିବାକୁ କୁହନ୍ତି ଓ ଆମକୁ ଆଣିବାକୁ ତାଙ୍କୁ ଷ୍ଟେସନ ପଠେଇଦିଅନ୍ତି । ବଡମାଆଙ୍କୁ କୁହନ୍ତି ଆମ ପାଇଁ ରୋଷେଇ କରିବାକୁ । ଧୂବୁଲି ଖୁଡୀଙ୍କୁ ପଠାନ୍ତି କେଉଟ ସାହିରୁ ମାଛ ଆଣିବା ପାଇଁ । ଆଉ ନିଜେ ବାଡି ପଛପଟୁ ତୋଳି ଆଣନ୍ତି ଆଳାତାଳା ଶାଗ ବାବା ଖାଇବାକୁ ଭଲ ପାଆନ୍ତି ବୋଲି ।

ଆମେ ଟ୍ରେନରୁ ଓହ୍ଲେଇଲା ବେଳକୁ ସମାରୁ ଭାଇ ଛିଡା ହୋଇଥାନ୍ତି ଷ୍ଟେସନରେ । ସିଏ ବାବାଙ୍କ ଠାରୁ ବୟସରେ ବହୁତ ବଡ ହୋଇଥିଲେ ବି ବାବାଙ୍କୁ ମୁଣ୍ଡିଆ ମାରନ୍ତି କାରଣ ତାଙ୍କ ବାପାଙ୍କୁ ବାବା ଭାଇ ବୋଲି ସମ୍ବୋଧନ କରନ୍ତି । ଗାଁରେ ଏମିତି ଭାଇବିରାଦରି ଭାବ ଚାଲେ । ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମସ୍ତଙ୍କୁ ବନ୍ଧୁ ଭାବରେ ଗ୍ରହଣ କରନ୍ତି । ଏମିତିକି ଘରେ କାମ କରୁଥିବା ହଳିଆ, ମୁଲିଆମାନେ ବି ଗୁଆ ଦିଆ ବନ୍ଧୁ ହିସାବରେ ଗଣାଯାଆନ୍ତି । ମୁଣ୍ଡର ସବୁ ବାଳ ସଫେଦ ବୁଲି ଆସିଥିବା ଅଧା ବୁଢା ଲୋକଟିକୁ ଭାଇ ବୋଲି ସମ୍ବୋଧନ କରିବାକୁ ମୋର କୁଣ୍ଠାକୁ ଦୂର କରିବାକୁ ଯାଇ ମାଆ ବୁଝେଇ କୁହନ୍ତି ମୋତେ । ସମାରୁ ଭାଇ ଆମ ଜିନିଷପତ୍ର ବୋହି ନେଇ ଶଗଡ ଗାଡିରେ ଥୁଅନ୍ତି । ଗାଡିରେ ଯୋଚା ହୋଇଥାନ୍ତି କାଳିଆ, କସରା । ସେମାନଙ୍କ ବେକରେ ଝୁଲୁଥାଏ ଗତଥର ମୁଁ ହାଟରୁ ଆଣି ସେମାନଙ୍କ ବେକରେ ବାନ୍ଧି ଦେଇଥିବା ଘାଗୁଡିମାଳ । ଶଗଡ ଉପରେ ବାଉଁଶ ଚାଂଚରା ଘୋଡା ହୋଇଥାଏ । ଭିତରେ କୁଟା ବିଛାଯାଇ ତା ଉପରେ ବସିବା ପାଇଁ ଗୋଟେ ଶତରଞ୍ଜି ପକା ହୋଇଥାଏ । ଆମେ ସମସ୍ତେ ଭିତରେ ବସିଲା ପରେ ସମାରୁ ଭାଇ ହୁଡ୍ ହୁଡ୍ କରି ବଳଦ ଖେଦାଏ । କାଳିଆ, କସରା ହଲିଦୋହଲି ଆଗକୁ ବଢନ୍ତି । ବାବା କିନ୍ତୁ ଶଗଡରେ ନ ବସି, ଶଗଡ କଡେ କଡେ ଚାଲନ୍ତି । କିଛି ସମୟ ଶଗଡରେ ବସିଲା ପରେ ମୋତେ ବିରକ୍ତ ଲାଗେ । ଏମିତି ନୂଆବୋହୂ ବସିଲା ପରି କିଏ ବସିବ ଭିତରେ । ମୁଁ ଶଗଡ ଅଟକେଇ ଓହ୍ଲେଇ ପଡେ ତଳକୁ । ବାବାଙ୍କର ହାତ ଧରି ଚାଲେ । ବାବା ରାସ୍ତା ସାରା କହି କହି ଚାଲନ୍ତି ହେଇ ଦେଖ ନୂଆ ପୋଖରୀ, ଆଉ ସେଇଟା ହେଉଛି ପଚା ପୋଖରୀ । ନୂଆ ପୋଖରୀର ପାଣି ଚକ୍ ଚକ୍ ପୁରା କାଚକେନ୍ଦୁ ପରି ଆଉ ପଚା ପୋଖରୀର କାଦୁଆ, ଦଳଭର୍ତ୍ତି । ଆଉ ସେପାଖରେ ଆମର ସ୍କୁଲ । ମୁଁ ଏଇଠି ପାଠ ପଢୁଥିଲି । ଆଉ ଦେଖୁଛୁ ନା, ସେଇ ବାମ ପଟକୁ ଯେଉଁ ଶିବ ମନ୍ଦିରର ଅଗଣା ଦେଖାଯାଉଛି, ସେଇଠି ପ୍ରତିବର୍ଷ ମକର ସମୟରେ ଗାଁ ପିଲା ମିଶି ଡ୍ରାମା କରୁଥିଲେ । ଆଉ ଆଗରେ ଯଉ ଦେଖୁନୁ ଆମ୍ବତୋଟା ସେଠି ଖରାଦିନ ସାରା ଆମେ ଡାଳମାଙ୍କୁଡି ଖେଳୁ , ଆମ୍ବ ତୋଳି ଖାଉ । ରଜ ସମୟରେ ଏଇ ଆମ୍ବ ଗଛ ଡାଳରେ ବାଉଁଶ ଦୋଳି ବନ୍ଧାହୁଏ । ସେତେବେଳେ ଆମ୍ବତୋଟା ଗହ ଗହ ଡାକୁଥାଏ ଗାଁର ଅଭିଆଡୀ ଝିଅପୁଅଙ୍କ ମେଳରେ । କହୁ କହୁ ବାବା ଅନ୍ୟମନସ୍କ ହୋଇଯାଆନ୍ତି । ବୋଧହୁଏ ଫେରିଯାଆନ୍ତି ନିଜର ଶୈଶବକୁ । ବାଉଁଶ ଦୋଳିରେ ପେଙ୍ଗା ମାରି ଦୋଳି ଖେଳନ୍ତି , କଂଚାପାଚିଲା ଆମ୍ବ ତୋଳି ଖାଆନ୍ତି, ଗଛକୁ ଫୋପଡା ମାରନ୍ତି । ଆଉ ଜେଜେମାଆ ହାତରୁ କାନମୋଡା ଖାଆନ୍ତି ।

ଶଗଡ ଆସି ଛିଡା ହୁଏ ଘର ଆଗରେ । ଜେଜେମାଆ ଧଳାଥାନ ଦେହରେ ଜଡେଇ, ଲୁଗାକାନିକୁ ବାମ ପଟ ଦାନ୍ତରେ କାମୁଡି ଧରି ଛିଡା ହୋଇଥାନ୍ତି ଦାଣ୍ଡରେ । ଆମକୁ ଦେଖି ତାଙ୍କ ଆଖିରେ ଜକେଇ ଆସେ ଲୁହ । ମୁଁ ଦ୍ୱନ୍ଦ୍ୱରେ ଥାଏ । ସେ ଲୁହ ଦୁଃଖର କି ଖୁସିର । ମୁଁ ତାଙ୍କୁ ମୁଣ୍ଡିଆ ମାରିବାକୁ ନଇଁ ପଡିଲେ ସିଏ ମୋତେ ଆଉଜେଇ ନିଅନ୍ତି ନିଜ ଛାତିରେ ।

“ତୁମେ ଶୋଇଗଲ କି ? କିଛି ଉତ୍ତର ଦେଉନ ଯେ !” ଝିଅର ଡାକରେ ମୋର ତନ୍ଦ୍ରା ଭଙ୍ଗ ହୁଏ । ମୁଁ ଫେରିଆସେ ମୋର ପିଛିଲା ଜୀବନକୁ ପଛ କରି । ଝିଅର ଗାଡି ଛିଡା ହୋଇଥାଏ ଗୋଟିଏ ପନ୍ଦର ମହଲା ବିଶିଷ୍ଟ ଆପାର୍ଟମେଂଟର ପାର୍କିଂରେ । ନ୍ୟୁଜର୍ସୀର ବ୍ଲୁମ ଫିଲ୍ଡରେ ଥିବା ଟ୍ରୟ ଟାୱାର ଆପାର୍ଟମେଂଟ ସାମ୍ନାରେ ।(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ଆଲୋଚନା

# ‘ପ୍ରୀତିଝର’ରେ କବି ଭରତ ଚନ୍ଦ୍ର ଦାଶଙ୍କର ପ୍ରୀତିର ଗଜଲ



**ଡ. ଅବନୀ ପ୍ରଧାନ**
ଅବସର ପ୍ରାପ୍ତ ଅଧକ୍ଷ
ମୋଟେଲ୍ ଛକ, ଭଦ୍ରକ
ପିନ୍-୭୫୬୧୦୦
ମୋ : ୮୭୬୩୬୧୪୬୧୬

‘ପ୍ରୀତିଝର’ କବି ଭରତ ଚନ୍ଦ୍ର ଦାଶଙ୍କର ଚତୁର୍ଦ୍ଦଶ ଏକପଦୀ କବିତା ଗ୍ରନ୍ଥ। ଗ୍ରନ୍ଥଟିରେ ରଚିତ ‘ଏକଶହ ଚାଳିଶ୍‌ଟି’ ଏକପଦୀ ଯାହା ୮୦ ପୃଷ୍ଠା ବହନ କରି ଅତି ରସମୟ ତଥା ପ୍ରୀତିର ପାର୍ବଣ ପସରା ମେଲାଇ ଓଡ଼ିଆ କାବ୍ୟ ଜଗତକୁ ପ୍ରୀତିର ଭେଟିଦେବାରେ ସଫଳ ପ୍ରୟାସ ଜାରି ରଖିଛି। କବି ଭରତଙ୍କ ଭାଷାରେ ‘ପ୍ରୀତିଝର’ ପ୍ରେମ, ପ୍ରୀତି ଓ ପ୍ରଣୟର ଏକ ଆତ୍ମିକ ପରିପ୍ରକାଶ ତଥା ପରିବେଷଣ। ଏହା ମଧ ତାଙ୍କର ଭାଷା ପ୍ରତି ଅସ୍ମିତାର ସୂଚନା।

‘ପ୍ରୀତିଝର’ର ପ୍ରଚ୍ଛଦ ପୃଷ୍ଠା ଆଙ୍କିଛନ୍ତି ଶିଳ୍ପୀ ଚୁଡ଼ାମଣି ଦାସ ଯାହାକୁ ଲକ୍ଷ୍ୟ କଲେ ପ୍ରେମିକ ଓ ପ୍ରେମିକା ଯେଉଁ ଭାବାବେଗ ଚିତ୍ର ଚିତ୍ରିତ ତାହା ପ୍ରେମର ଝରଣା ପରି ସଦା ଝରଝର। ମୂଲ୍ୟମାତ୍ର (ଏକଶତ କୋଡ଼ିଏ ଟଙ୍କା)। କବି ଭରତ ବିଛେଇ ଛନ୍ତି ପ୍ରେମର ଗାଲିଚା। ସେ ଗାଲିଚାରେ ସବୁଜିମା, ସୁନ୍ଦରିମା, ଅପରାହ୍ନ ସୂର୍ଯ୍ୟର ରଙ୍ଗ ଝଲ୍‌ସା ସବୁ ଭଲ ଲାଗେ। ତଥାପି ପ୍ରେମରେ ଅଛି ତ ବିରହ?

Umberto Eco says, ...
“Poetry is not a matter of Feelings; It is a matter of Language and Language which creats feelings.”

ଏଣୁ କବିତା କେବଳ ଭାବାବେଗରେ ନଥାଏ ବରଂ ବେଶୀ ଥାଏ ଭାଷାରେ ଆଉ ଭାଷା ହିଁ ସୃଷ୍ଟି କରେ ଭାବ, ଆବେଗ। କହିବା ଦରକାର ଉପଯୁକ୍ତ ଶବ୍ଦ କବିତାରେ। ଯାହା ସହଜ। ବେଳେବେଳେ କଷ୍ଟ, କ୍ଲିଷ୍ଟ ଶବ୍ଦ, ଅଭିଧାନଯୋଗ୍ୟ। କବି ଭରତ ପାଇଛନ୍ତି ଡକ୍ଟରେଟ୍, ସମାଜସେବା ପାଇଁ । ଜାଣିଥିବେ କି ନାହିଁ, ମୁଇଁ ଜାଣେ ତଥାପି ଆମ ମହାଦେଶ ଦକ୍ଷିଣ କୋରିଆର ବିଶିଷ୍ଟ କବି “ହାନ୍‌କାଂଗ”ଖୁବ୍ କମ୍ ୫୩ ବର୍ଷୀୟା ହୋଇ ଲାଭ କଲେ ‘ନୋବେଲ୍ ପ୍ରାଇଜ୍ ଫର୍ ଲିଟରେଚର୍। କବିତା ଲେଖୁ ଲେଖୁ ଉପନ୍ୟାସ ଲେଖି ପାଇଲେ ନୋବେଲ୍। ପୂର୍ବରୁ ପାଇଥିଲେ ‘ବୁକର୍ ୨୦୧୬’ ‘ଦ ଭେଜିଟେରିଆନ୍’ ପାଇଁ।

ମଣିଷ ଜୀବନର ପ୍ରଥମ ଶିକ୍ଷ ତା’ଜୀବନ। ତା’ପରେ କବିତା। ବନିତା ଲତା ଆଗକୁ ଆଗକୁ। କବିତା ବି ମଣିଷ ଜୀବନର ଆଳୟ, ବାତାୟନ। ଆମେ ଚିହ୍ନୁନା କବିତାକୁ। ଚିହ୍ନାଏ କବିତା ଆମକୁ। କବିତା ଆମକୁ ଶିଖାଏ କର୍ମକୌଶଳ କଳା କାରିଗରୀର ଶିକ୍ଷ ଚାତୁରୀ।

ଏଇ ଶତାବ୍ଦୀରେ ଏତେ ଯୁଦ୍ଧ କାହିଁକି କେଜାଣି ପରିବେଶ ପ୍ରଦୂଷଣ ନା ଅହଂ ପାଇଁ? ଆମେ ବଞ୍ଚିବା ତ, ଆସ ଭାବିବା ତା’ର ପ୍ରତିରୋଧ କରିବା।

ମୁଁ ଆରମ୍ଭ କରୁଛି ଡ. କବି ଭରତଙ୍କ କେତୋଟି କବିତାର ପଂକ୍ତି - ଯଥା ପୃଷ୍ଠା - ୧୧ରେ (ଦୁଇ)ରେ

“ପଉଷ ମାସର ଶୀତୁଆ ସକାଳ
ବହୁଛି କାଲୁଆ ବାଆ
ଏକାକୀନୀ ପ୍ରିୟା ଥରାଉଛି ହିଆ
ବାହୁ ବନ୍ଧନକୁ ସାହା।।”

ଅବଶ୍ୟ କବି ମଣିଷଙ୍କ ମୁହଁରେ ଥାଏ ପୀୟୁଷଧାରୀ ନ ଥାଏ ବିଷ ବଳୟର ନାରା। ଖୁବ୍ ଆଶାବାଦୀ ହୋଇ ପ୍ରେମରେ ଘାରିହୋଇ ପାରି ଦେଇଛନ୍ତି କୁସୁମିତ ଶେଯ ତାଙ୍କ ପ୍ରୀତି ପାଇଁ।

ଏଣୁ କବି ଭରତ କହନ୍ତି, -
ପୃ - ୧୧ (ସାତରେ)

‘ତୁମ ପଥ ଚାହିଁ ବସିଛି ଏ ପଥେ
ମନେପଡ଼ିଲେ ଆସିବ
କୁସୁମିତ ଶେଯ ପାରିଛି ଯତନେ
ମିଳନେ ତନୁ ବାସିବ।’

ମିଳନ ହିଁ ମିଳନ। ବିରହ ଜାଗିଲେ ... କଥା ରହେ କାଳକାଳ। ହଁ ରହିଯିବ। ରହିଗଲେ ରହଣିଆ। ରହିଗଲେ ମଧ ସେକଥା ସ୍ମୃତି ପଟଳରେ ଆତଯାତ ହେବ। ତାହା ଘାରି ହେଉଥିବ ମନରେ। ତେବେ ତାହା ହିଁ ପ୍ରେମର






ଗଜଲ ପରି ଝଙ୍କାର ତୋଳୁଥିବ ମନରେ।

ପୃଷ୍ଠା ୨୧ରେ କହେ ତାଙ୍କ ଏକପଦୀ ...

‘ଯାଚିଲି ପ୍ରୀତିକୁ ଲାଲ୍ ଗୋଲାପଟେ
କହିଲା ମୋ’ ଲୋଡ଼ା ନାହିଁ
ମୋ’ ଅଧର ଏକ ସୁଗନ୍ଧିତ ଫୁଲ
ଚୁମ୍ବନ ଦିଆ ଗୋ ନେଇ।’

କବି ଭରତଙ୍କ ଅଧର ଏତେ ମହମହ ବାସ୍ନାୟିତ ଫୁଲ ଯେ ସେଠି ଗୋଟେ ଚୁମ୍ବନ ଅପେକ୍ଷାରେ ଅଛନ୍ତି। କହି ରଖେ ଯେ, ‘କବିତା ଶରବଣ ଭିତରେ ପବନର ଲୁଚକାଳି ଖେଳ ପରିକା’ ଯିଏ କାଳ କାଳ ଧରି ରଚେ ଅଭିସାରିକା। ଏଠି ଭରତଙ୍କ କବିତାଗୁଡ଼ିକ ଗୀତିଧର୍ମୀ। ଏକପଦୀ, ଯାହାକୁ ଆକଳନ କଲେ ଆକଳନକାରୀର ହୋସ୍ ଉଡ଼େ। କାରଣ ଗୀତି କବିତା ଗୀତ ପରିକା। କବିତା କିନ୍ତୁ ବେଶୀ ଆଦର୍ଶର ପ୍ରକାଶ। ବାସ୍ତବତାର ପ୍ରକାଶ ଯଥା କଳ୍ପନା ସହ। ଖୁବ୍ ଉତ୍କର୍ଷ ସାହିତ୍ୟ।

କବି ଭରତ ଚନ୍ଦ୍ର ଦାଶଙ୍କ ଗୀତି କବିତାକୁ ସମୀକ୍ଷା ସମୀକରଣ କରିବା ଖୁବ୍ ସହଜ ଯେ’ ହେଲେ ସେ’ ଏପରି ଚମତ୍କାରିତା ପ୍ରୟୋଗ କରି ଲେଖିଛନ୍ତି ତାଙ୍କ ଅଜସ୍ର ଗୀତି କବିତା ଯାହା Usual real and new normal. ଛାତି ଫଟା କଥା କହେ ଗୀତି କବିତା। ତଥାପି - ତାଙ୍କ (୩୭ର ପୃଷ୍ଠା - ୨୯) ଗୀତି କବିତା କହେ - ଯେ -

‘ମୁଁ ଜାଣେନି କିଆଁ ଦେଖିବାକୁ ମନ
ବ୍ୟାକୁଳ ବ୍ୟଥିତ ହୁଏ
ଦେଖିଦେଲେ ଥରେ ବୁଝିଯାଏ ପ୍ରାଣ
ବୁଝିବି ଅବୁଝା ରହେ।’

ଏସବୁ ପଂକ୍ତି ଟ୍ରାଡ଼ିସ୍‌ନାଲ୍। କିଛି ନୂଆ ଶୈଳୀ ଦରକାର। ଭାବାବେଗରେ ଲେଖିଲେ ଚଳିଯିବ ନାହିଁ।

ତାଙ୍କ (ପଇଁଚାଳିଶ) ପୃଷ୍ଠା - ୩୩ କହେ ଯାହା ଛାତିକୁ ଛୁଇଁଲା। -

‘କଥା ହେବା ପାଇଁ କଥା ଦେଇଥିଲି
କଥା ମୋ ରହିଲା ବାକି
ଭାବିଥିଲି ଯାହା କହିବାକୁ ପ୍ରିୟେ
ସମୟ ରହିଲା ସାକ୍ଷୀ।’

କଥା ଦେଇ କେବେ କଥାକୁ ଠିକ୍ ସମୟରେ କହି ହୁଏନା, କହିବାକୁ ଗଲେବି ବେଳ ଅଣ୍ଟେନା। କଣ୍ଠ ଗଡ଼ିଯାଏ। କଣ୍ଠ ଦେବା ବି ... କଥା ହେବା ପରି ନିର୍ଦ୍ଦିଷ୍ଟ ସମୟରେ। ଗଡ଼ିଗଲେ ସମୟ ଚାହିଁ ବସିଥା ! କବି ଭରତ ଲେଖନ୍ତି ଗୀତି କବିତା ସତ। ସେ’ ବୁଝନ୍ତି ନାହିଁ ସମକାଳୀନ କବିତା’ର କଥା। ବ୍ୟଥା। ମନକଥା। କ୍ଳିଷ୍ଟତା ଆଉ ଅଭିନବ ଶବ୍ଦ, ଭାବ ଆବେଗର କଥା ଓ ପ୍ରୟୋଗ। ‘କବିତା’ କୌଣସି ମତ ବା ଉଦ୍ଦେଶ୍ୟ ବୁଝେନା। ସେ ଇଉନିଭର୍ସାଲ। ଗୀତି କବିତା ବେଳେବେଳେ Personal and usual. ହେବା ଠିକ୍ କି? ସେଥିପାଇଁ ପରା ନୋବେଲ୍ ବିଜୟିନୀ ମହୀୟସୀ ମୋ’ ପ୍ରିୟନାରୀ ଯିଏ ୨୦୨୦ରେ ଇଂରାଜୀ କବିତାରେ ପ୍ରାପ୍ତ ହୋଇଥିଲେ Louis Gluck କହନ୍ତି, “Poetic Voice that with amstere beauty which makes human existence Universal.”

ଏଣୁ କବିତା ବା ଗୀତି କବିତା ସେପରି ହେବା ବାଞ୍ଛନୀୟ। କବି ଶ୍ରୀ ଭରତ ଦୂରଦୃଷ୍ଟି ରଖିଛନ୍ତି ଏକପଦୀ କବିତା ରଚନାରେ ତଥାପି ଭାବ ଆବେଗକୁ ନେଇ ଅନେକ ଧାଡ଼ିର ପୁନରାବୃତ୍ତି ଘଟିଛି। ହଁ ଘଟିଥିଲେ ବି ପାଠକେ ଜାଣିପାରିବେ। ଆରମ୍ଭରୁ ପଢ଼ି ଚାଲିଲେ ଏକାଥରକେ ଶେଷ ହେବା ଯାଏଁ।

ଏଇ ଯେପରି ତାଙ୍କ (ବାଷଠୀ) ଏକପଦୀ ପୃଷ୍ଠା - ୪୧ କହେ -

‘କହିପାରେନା କି ସହି ମୁଁ ପାରେନା
ପ୍ରଣୟୀ ମନର ବ୍ୟଥା
ପ୍ରୀତି ଅନୁଭବେ କହିବାକୁ ଭାବେ
ସରେନି ଅକୁହା କଥା।’

କଥା ରହିଥିଲେ ଅକୁହା ଆଉ ତାକୁ କହିଲେ ଅସରନ୍ତି ହୋଇଯାଏ କଥା। ବରଂ ବ୍ୟଥା ବଢ଼ାଏ ମନରେ। ଅବସୋସ ବଢ଼ାଏ ମଧ।

ନିବିଡ଼ରେ ଦୁଇଟି ହୃଦୟ ଆକୁଳ ବ୍ୟାକୁଳ ହୋଇ ଯେଉଁ ଭାବାବେଗର ସ୍ଫୁରଣ ଘଟାଇଛନ୍ତି ବାସ୍ତବିକ୍ ତାହା ସୁଖପାଠ୍ୟ। କେତେବେଳେ ନିବିଡ଼ ନିରବତାରେ ତ କେତେବେଳେ ଯନ୍ତ୍ରଣାରେ ଦଗ୍ଧ ବିରହର ବତୀ ଜଳାଇ ଭେଟିଛନ୍ତି ତ ପ୍ରତୀକ୍ଷା କରି ପ୍ରେୟସୀ ପାଇଁ ଉଦାସ ମନରେ ଚାହିଁ ବସିଛନ୍ତି। ଆଶାତ ଅନେକ ପ୍ରାଣ ପ୍ରଣୟିନୀକୁ ପାଇବା ପାଇଁ। ଏମିତି ତଥାପି ପ୍ରେମ କୁହୁଳେ। ଧୂଆଁ ଉଠାଏ। ଜଳାଏ, ଜଳୁଜଳୁ ଆଲୋକ ଦେଖାଇ ଦୁଇ ପ୍ରାଣକୁ ପୁଲକିତ କରାଏ ଓ ମିଳନର ଅଭିସାର ରଚାଏ। ଏଇ ପ୍ରେମ କେବେ ସରେନା। ମନ ମରେନା ବରଂ ଆଗକୁ ଆଗକୁ ଡଂକେଇ ଡଂକେଇ ଚାଲେ। ଏଣୁ ଆଶାବାଦୀ କି ଏଠାରେ କହୁଛନ୍ତି ତାଙ୍କ (୭୯ତମ) ଏକପଦୀରେ -

‘ମିଛ କଥା କିଛି ଲେଖି ନାହ ତୁମେ
ପ୍ରତ୍ୟୟ ହେଉଛି ମନେ
ତୁମ ଚିତ୍ତଚୋର ପ୍ରୀତିରେ ବିଭୋର
ବରିଛି ଆପଣା ପ୍ରାଣେ।’

ଜନ୍ କୀଟସ୍‌ଙ୍କ ମତରେ “The Poetry on the earth is never dead.” ଅର୍ଥାତ୍ ମଣିଷ ଏ ମାଟିରୁ ଜନ୍ମେ। ମାଟି ମାଆ ବି କବିତା ଜନ୍ମାଏ / କାରଣ ମାଟି ଜନ୍ମଏ ମଣିଷ / ସେପରି ଏ କବିତାର ଜନ୍ମ / କବିତାର ଆଦିକାଳରୁ ବୁନିଆଦି ଅଛି। କବି ଭରତଙ୍କ କବିତା ମଧ ଆହୁରି ସରଳ ହେଉ / ରସାଳ ହେଉ - ଫୁଲ ହୋଇ ଫୁଟୁ। ଦିଗ ବିଦିଗ ମାଡୁ। ଉତ୍କୃଷ୍ଟ ସମ୍ମାନ ପାଇଁ। ବାସ୍ତବିକ୍, ଏଇ ସବୁ କବିତା ଲେଖା ଆମକୁ ଜଣାଇଦିଏ ଆମ ପରିଚୟ। ଯେ ପରା ସାହିତ୍ୟ। ଏଣୁ ଥରେ Salman Rushide କହିଥିଲେ, “Literature in Particular has the power to tell us who we are and what we are like and what we were like.” ଆମେ କିଏ କ’ଣ ପରିଚୟ ସାହିତ୍ୟ ଶିଖାଏ / ଏ କବିତାଟି ସେପରି ଆମକୁ ଚିହ୍ନାଏ।

ଶହେ ଏକପଦୀ (ପୃ-୬୦)ରେ ବର୍ଣ୍ଣିଛନ୍ତି କବି ଭରତ ଯେ,

‘ଶୁଖିଯାଇଅଛି ମୋ ପ୍ରୀତିର ମୁଖ
ଅଧରୁ ହଜିଛି ହସ
ଯେଉଁ ଆଖି ଦିନେ ସ୍ୱପ୍ନ ଦେଖୁଥିଲା
ବିରହେ ଦେଇଛି ଝାସ।’

ବେଳେବେଳେ ବିରହ ବେପଥୁ, ଜାଗିବ ପ୍ରେମରେ, ଭଲପାଇବାରେ। ସ୍ୱପ୍ନ ବି ବେଳେବେଳେ ଅସହାୟତା ହୋଇଥିବ। ତଥାପି କବି ତା’ର ମନ କଥା ଲେଖି ଚାଲିଥିବ।

ଆଉ (ଶହେ କୋଡ଼ିଏ) ଏକପଦୀ ପୃଷ୍ଠା - ୭୦ରେ ଅଛି -

‘ପ୍ରଣୟିନୀ ଆଗେ ମରିବାକୁ ଇଚ୍ଛା
ବେଳେବେଳେ ମନେ ଜାଗେ
ଆଶ୍ଳେଷରେ ମୋର ମର ଶରୀରକୁ
ଧରିଥିବ ଅନୁରାଗେ।
ଏମିତି ମାନସିକତା ଆସେ ବି
ବେଳେବେଳେ।’

(୧୩୧ ପୃଷ୍ଠା - ୭୬ରେ)

‘ତୁମେ ମୋ ଅତୀତ ତୁମେ ଭବିଷ୍ୟତ
ସମୁଜ୍ଜ୍ୱଳ ବର୍ତ୍ତମାନ
ଆପଣାର ଭାବି ପ୍ରୀତି ସୌଧ ଗଢ଼େ
ସ୍ମୃତିର ଅକ୍ଷୟ ଗାନ।’

ଏଠି ତାଙ୍କ ପ୍ରୀତିଝର ଝରି ଝରି ବର୍ତ୍ତମାନ ବି ଝରୁଛନ୍ତି ଏବଂ ଆଗାମୀ ଭବିଷ୍ୟତକୁ ମଧ ଝରିବେ। ଖୁବ୍ ଆଶାବାଦୀ ଏଠି କବି। ଯାହା ତାଙ୍କ ମନରେ ପ୍ରୀତିର ସୌଧ ଗଢ଼ି ପାରିଛି। ସ୍ମୃତିମାନଙ୍କର ଜୟଗାନ କରି।

ସର୍ବଶେଷ ଏକପଦୀ
(୧୪୦ ପୃଷ୍ଠା ୮୦ର) ଶେଷ ଗୀତି -

‘କବିତାର ଝର ପ୍ରୀତିର ନିର୍ଝର
ପ୍ରଣୟ ସରସୀ ନୀରେ
ପ୍ରଣୟିନୀ ଆଗୋ ଦେଖିଯାଅ ତୁମେ
ପ୍ରଣୟୀ ପ୍ରଣୟ ଧାରେ।’

ବାସ୍! ଶେଷକୁ କବି ମାନିନେଇଛନ୍ତି ଯେ, କବିତାର ଝର ହିଁ ପ୍ରୀତିର ନିର୍ଝର। କାରଣ କବିତା ଆଉ କ’ଣ କି? ସେଇଥିପାଇଁ ତ Khalil Zibran କହନ୍ତି - “Poetry is not an opinion expressed. It is a song rises from a bleeding wound or a smiling mouth, where a poet is a dethroned king setting among the ashes of his palace trying to fashion an image out of this.” ♥

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୨ ମାର୍ଚ୍ଚ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଦୃଷ୍ଟିକୋଣ-୫

# ଉପକାର ଗୁଣକୁ ମନେ ନରଖିବା ପାପ ପର୍ଯ୍ୟାୟର



♥ ଡ. କାଳୀପଦ ପଣ୍ଡା

ଯେଉଁମାନେ ଅତୀତର ଉପକାର ବା ସାହାଯ୍ୟକୁ ଭୁଲିଯାଇ ବର୍ତ୍ତମାନରେ ସେମାନଙ୍କର ସ୍ଥିତି ଅନୁଯାୟୀ ଦିନେ ଯାହାଙ୍କଠାରୁ ଉପକାର ପାଇ ଅଥବା ସାହାଯ୍ୟ ସହଯୋଗ ପାଇ ନିଜର ସ୍ଥିତିକୁ ସୁଦୃଢ଼ କରାଇଥିଲେ, ସେହିମାନଙ୍କୁ ଶତ୍ରୁତା ଆଚରଣ କରନ୍ତି, ସେମାନଙ୍କୁ ବେଇମାନ ବୋଲି ଅଭିହିତ କରାଯାଇଥାଏ। କାରଣ ଉପକାର ପାଇଥିବା ଉପକାରୀବନ୍ଧୁଙ୍କ କ୍ଷେତ୍ରରେ ଶତ୍ରୁତା ଆଚରଣ ଏକ ଅମାନବୀୟ କିମ୍ବା ପାପ ପର୍ଯ୍ୟାୟର ବୋଲି କୁହାଯାଇ ପାରିବ। ଯେବେ ତୁମର ସ୍ଥିତି ଦୟନୀୟ ଅଥବା ସ୍ୱଚ୍ଛଳ ନଥିଲା, ସେହି ସମୟରେ କେହି ଯଦି ତୁମକୁ ତା'ର ସାମର୍ଥ୍ୟ ମୁତାବକ କର୍ମ ସଂସ୍ଥାନ ଦେଇପାରିଛି ଅଥବା ପରୋକ୍ଷ ଭାବରେ ତୁମକୁ ସାହାଯ୍ୟର ପଥ ଦେଖାଇ ଦେଇଛି ସେ ତ ସବୁ ସମୟରେ ତୁମ ପାଇଁ ଆରାଧ। ସେହି ଆରାଧଜନଙ୍କୁ ପରବର୍ତ୍ତୀକାଳରେ ତୁମର ସ୍ଥିତାବସ୍ଥା ହଠାତ୍ ସୁଦୃଢ଼ ସ୍ଥିତିରେ ପହଞ୍ଚିଗଲା ବୋଲି ଦୂର ଅତୀତର ସେହି ଦୁର୍ଦ୍ଦିନକାଳର ଘଟଣାକୁ ପାସୋରି ଦେଇ ତାଙ୍କ ପାଇଁ ଅନିଷ୍ଟ ହେଲାଭଳି କର୍ମ ବା ଚିନ୍ତା ପାପ ପର୍ଯ୍ୟାୟ ବୋଲି କୁହାଯାଇ ପାରେ। ଏହା ବ୍ୟକ୍ତି କ୍ଷେତ୍ରରେ ଯେଭଳି ପ୍ରଯୁଜ୍ୟ, ଅନୁଷ୍ଠାନ କ୍ଷେତ୍ରରେ ମଧ୍ୟ ସମାନ ଭାବେ ପ୍ରଯୁଜ୍ୟ।

ସମୟ ଓ ପରିବେଶ ସେଭଳି ବିଷମ ପରିସ୍ଥିତି ସୃଷ୍ଟି କଲେ ବି ସାହାଯ୍ୟ ପାଇଥିବା ବା ଉପକାର ଲାଭକରିଥିବା ବ୍ୟକ୍ତି ଏ କ୍ଷେତ୍ରରେ ବରଂ ନୀରବତା ଅବଲମ୍ବନ କରିବା ଶ୍ରେୟସ୍କର। ମାତ୍ର ପ୍ରତ୍ୟକ୍ଷ ଭାବେ ବିରୋଧ କରିବା କିମ୍ବା ସେହି ବ୍ୟକ୍ତି ବା ଅନୁଷ୍ଠାନ ବିରୁଦ୍ଧରେ ଗୁପ୍ତରେ ଷଡ଼ଯନ୍ତ୍ର ରଚିବା, ଏଭଳି କି ସେହି ବ୍ୟକ୍ତି ବା ଅନୁଷ୍ଠାର ଯେଉଁମାନେ ଚିରାଚରିତ ପ୍ରତିଦ୍ୱନ୍ଦୀ, ସେମାନଙ୍କ ସହ ହାତମିଳାଇ ନିଜର ଅଧିକ ଫାଇଦା ଉଠାଇବା ଭଳି ହୀନ ପ୍ରୟାସ, ଈଶ୍ୱରଙ୍କ ଦରବାରରେ କେବେ ହେଲେ କ୍ଷମଣୀୟ ହୋଇନପାରେ ? ଏ କଥା ଆମର ଶାସ୍ତ୍ର ଓ ପୁରାଣମାଙ୍କରେ ଆମକୁ ବାରମ୍ବାର ଚେତାଇ ଦିଆଯାଇଛି। ଭ୍ରଷ୍ଟବୁଦ୍ଧି ଭିତରେ ଏଭଳି ଅଶାସ୍ତ୍ରୀୟ କାର୍ଯ୍ୟ ପାଇଁ ଦିନେ ନିଜକୁ ଅଦୃଷ୍ଟ ଜଗତକର୍ତ୍ତାଙ୍କ ଦରବାରରେ ଦଣ୍ଡିତ ହେବାକୁ ପଡ଼େ। ସେ ପୁଣି କେତେବେଳେ, କେଉଁ ପରିସ୍ଥିତିରେ କେଉଁ ଏକ ଅଘଟଣର ପରିଣାମ ଭିତରେ ଦଣ୍ଡିତ କରାଇ ଦିଅନ୍ତି, ତାହାକୁ ମୁଣ୍ଡପାତି ସହି ନେବାକୁ ପଡ଼ିଥାଏ। ଆମେ ଭୁଲିଯାଉ ଯେ, ଆମର ଜଣେ ମହାନ୍ ଭକ୍ତକବି ମଧୁସୂଦନ ରାଓ ଆମକୁ ତାଙ୍କର କାଳଜୟୀ କବିତାର ପଙ୍କ୍ତିରେ ଦର୍ଶାଇଛନ୍ତି -

"ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା, ପରମ-ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ
ମୋ ପାଶେ ଅଛନ୍ତି, ଦିବସ ରଜନୀ, ମହାପ୍ରଭୁ ପରାତ୍ପର
ଏ କଥା ସୁମରି, ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର"।

ଅର୍ଥାତ୍ ଏଥିରୁ ଆମକୁ ବୁଝିନେବାକୁ ପଡ଼ିବ ଯେ, ମୁଁ ଯେବେ ଯାହାକିଛି କରୁଛି, ଯାହାକିଛି ଚିନ୍ତା ବି କରୁଛି ତାହା ଯଦି ଅନ୍ୟର ଅନିଷ୍ଟକର ହୋଇଥାଏ କିମ୍ବା ଅନ୍ୟ ଉପକାର ଅର୍ଥରେ ଅଭିପ୍ରେତ ହୋଇଥାଏ, ସେ ସବୁକଥା ଅନ୍ତର୍ଯ୍ୟାମୀ ମହାପ୍ରଭୁ ପରାତ୍ପର ସର୍ବନିୟନ୍ତା ଜ୍ଞାତ ହୋଇଥାନ୍ତି। କର୍ମାନୁଯାୟୀ ଫଳ ପ୍ରାପ୍ତି ଇହଜଗତରେ ହିଁ ଭୋଗୀବାକୁ ପଡ଼ିଥାଏ। ଏଇ ମର୍ତ୍ତ୍ୟମଣ୍ଡଳରେ ହିଁ ନିଜ କର୍ମର ପରିଣତି ଭୋଗୀ ଚିରବିଦାୟ ନେବାକୁ ପଡ଼େ। ଆମେ ନିଜର ଫାଇଦା ହାସଲ କରିବାକୁ ଯାଇ ଯେତେଯେତେ ଅନ୍ୟାୟର ପଥରେ ଗତି କରୁଥିଲେ ବି ତାଙ୍କ ଆଖିରେ କିନ୍ତୁ ଆମେ ଧରାପଡ଼ି ଯାଇଥାଉ। ସେଥିପାଇଁ କୁହାଯାଇଛି - "ଯେ ଯାହା କରଣିର ଫଳେ / ଭୋଗ ଭୁଞ୍ଜିବ ମହୀ ତଳେ।"

କର୍ମାନୁଯାୟୀ ଫଳପ୍ରାପ୍ତି ହୁଏ। ସତ୍‌କର୍ମର ଫଳ ଯେଭଳି ସତ୍‌ପରିଚୟ ଦିଏ, ଅସତ୍‌କର୍ମର ଫଳ ଦିନେ ନିନ୍ଦା, ଅପଯଶ ଓ କୁତ୍ସାରଟନାରେ ଭରିଦିଏ। ଅସତ୍‌ପଥରେ ବା ଚଞ୍ଚକତାରେ ପ୍ରାଚୁର୍ଯ୍ୟ ସ୍ୱଳ୍ପ ଦିନରେ ଅମାପ ସ୍ଥିତିରେ ପହଞ୍ଚିଯାଏ, ମାତ୍ର ତାହା ଦିନେ ସମୂଳେ ସମସ୍ତ ସମ୍ମାନ ଓ ସମୃଦ୍ଧିକୁ ଭୂଲୁଣ୍ଠିତ କରେ। ସେଥିପାଇଁ ତ କୁହାଯାଇଛି- "ଅଧର୍ମ ବିତ୍ତ ବଢ଼େ ବହୁତ, ଯିବାବେଳେ ଯାଏ ମୂଳ ସହିତ"। ଆମେ ଭୁଲିଯାଉ ଯେ ଆମ ଅଷ୍ଟାଦଶ ପୁରାଣର ରଚୟିତା ବ୍ୟାସଦେବଙ୍କ ମୁଖନିଃସୃତ ବାଣୀକୁ। "ଅଷ୍ଟାଦଶ ପୁରାଣସ୍ୟ ବ୍ୟାସସ୍ୟ ବଚନଦୟ / ପରୋପକାରାୟ ପୁଣ୍ୟାୟ ପାପାୟ ପର ପୀଡ଼ନମ୍।"

ତେବେ ଆମର ପରିଚୟ ଓ ପ୍ରତିଷ୍ଠାର ମୋହ ଆମକୁ ଏତେ ଗ୍ରାସ କରିବସେ ଯେ, ଆମେ ରାଜଚକ୍ରବର୍ତ୍ତୀ ହେବାର ଏବଂ ଅନ୍ୟ ସମସ୍ତଙ୍କ ଠାରୁ ଏକ ଭିନ୍ନ ସମ୍ମାନ ନିର୍ମାଣ କରିବାର ଲାଳସାର ଚରିତାର୍ଥ ପାଇଁ ଏମିତି କୂଟକପଟ କରିବସୁ, ଯାହାର ଗନ୍ଧବାସ କେହି ପାଇପାରନ୍ତି ନାହିଁ। କିନ୍ତୁ ହାତୀମାରି କୁଲା ଢ଼ାଙ୍କିବା ଭଳି ସତ୍ୟକୁ ଯେତେ ଲୁଚାଇବାକୁ ଚେଷ୍ଟା କଲେ ବି ଦିନେ ତାହା ଲୋକଲଚନକୁ ଆସିଯାଏ। ସେତେବେଳେ ଅପନିନ୍ଦା ଅପଯଶରେ ମୁଣ୍ଡଟେକି ଚାଲିବା କଷ୍ଟ ହୋଇଥାଏ। ଦିନେ ଯେଉଁମାନେ ତୁମକୁ ସମ୍ମାନ ଓ ପ୍ରଶଂସାରେ ଭରିଦେଉଥିଲେ ଅଥବା ପୁଷ୍ପ, ଧୂପ, ଦୀପରେ ବନ୍ଦାଇ ନେଉଥିଲେ, ସେହିମାନେ ଆଡ଼ନୟନରେ ଆଉ ଅନାଇବାକୁ ଉଚିତ ମଣନ୍ତି ନାହିଁ। ଏଣୁ ଆମକୁ ସବୁବେଳେ ଆମର କର୍ମ କଲାବେଳେ ତା'ର ନିଷ୍ଠା ଓ ସାଧୁତା ଉପରେ ଯଥେଷ୍ଟ ଧ୍ୟାନ ରଖିବାକୁ ପଡ଼ିବ। ନଚେତ୍ ଏଇ ଜନ୍ମରେ ଅର୍ଜିଥିବା ସମ୍ମାନ ଓ ପ୍ରତିଷ୍ଠା ଗୋଟିଏ କ୍ଷଣରେ ଧୂଳିସାତ୍ ହୋଇଯିବ। ଆମେ ଭୁଲିଯାଉ ଯେ, ଆମେ ଯେଉଁ ପତ୍ନୀ, ପୁତ୍ର, ପୁତ୍ରୀ, ପରିବାର, ପ୍ରେମ, ପ୍ରତିଷ୍ଠା, ପ୍ରଶଂସା, ପରୀକ୍ଷା ଓ ପଇସା ପଛରେ ଗୁଡ଼େଇ ଥାଉ ସେଥିପାଇଁ ପରେ ପସ୍ତେଇ ଥାଉ। କାରଣ ଆମେ ଆସିଲାବେଳେ ଏମାନେ କେହି ଆମ ସହ ଆସିନଥିଲେ ବା ଆମେ ଯେତେବେଳେ ଚାଲିଯିବୁ, ସେତେବେଳ ଆମ ସହ ଏମାନେ କେହି ଯିବେ ନାହିଁ। ଆମେ ଆସିବା ପରେ ହିଁ ଏମାନଙ୍କ ସହ ସମ୍ପର୍କ ସ୍ଥାପିତ ହୋଇଥିଲା, ଆଉ ସେହି ସମ୍ପର୍କୀୟଙ୍କ ପାଇଁ ଆମେ ଯଦି ଛନ୍ଦକପଟ କରି ନିଜର ସ୍ଥିତାବସ୍ଥାକୁ ସୁଦୃଢ଼ କରିବାରେ ଲାଗିପଡୁ ତେବେ ତାହା ଆମ ପାଇଁ ଦିନେ ଭୟାବହ ପରିଣତିରେ ଉପନୀତ ହୁଏ। ଆମେ ଭୁଲିଯାଉ ପରମାତ୍ମାଙ୍କ ପଛରେ ଆମର ଦୌଡ଼ିବାରର ଦିଗକୁ। କାରଣ ତାଙ୍କୁ ଜାଣିବା ପଥରେ ଥରେ ଅଗ୍ରସର ହେଲେ ଆମର ସକଳକର୍ମରେ ନିଷ୍ଠା ହିଁ ନିଷ୍ଠା ପ୍ରଦର୍ଶିତ ହେବ। ଅନ୍ନମୟ ପିଣ୍ଡ ଯେ ଦିନେ ସମାଧି ନେବ, ଏହିକଥା ପ୍ରତିନିୟତ ଜାଣି ବି ଆମର ଅଜ୍ଞତା ହିଁ ଆମକୁ ସକଳ ଭ୍ରାନ୍ତିପଥରେ ଧାବିତ କରାଏ। ତେଣୁ ଆମର ପରମଧର୍ମ ହେଉଛି, ଜୀବନରେ ବ୍ୟକ୍ତି ବା ଅନୁଷ୍ଠାନ ଜରିଆରେ ଯଦି ଆମେ ଉପକୃତ ହୋଇଛୁ, ତେବେ ସେହି ଉପକାର ଗୁଣକୁ ଚିରକାଳ ମନେରଖି ବ୍ୟକ୍ତି ବା ଅନୁଷ୍ଠାର ଅପଚିନ୍ତା କରିବା ପାପ ପର୍ଯ୍ୟାୟର।


♥ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩


## ॥ ସ୍ମରଣୀୟେଷୁ ॥

# ଓଲିଉଡର ଧ୍ରୁବତାରା : ସର୍ବୋତ୍ତମ ଉତ୍ତମ

ବାଦଲ ଭୂୟାଁ



ଓଡ଼ିଆ ସିନେମା ଜଗତରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନାୟକ। ଓଡ଼ିଆ ସିନେ ଜଗତର ସେ ଥିଲେ ଧ୍ରୁବତାରା। ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡ଼ି ଯାଇଛନ୍ତି ଉତ୍ତମ ମହାନ୍ତି। କହିବାକୁଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଜ୍ଜ୍ୱଳ ତାରକା ଅନ୍ତର୍ନିହିତ ହୋଇଗଲେ। ଅନେକ ସୁପରହିଟ ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଭୂମିକାରେ ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନରୋଞ୍ଜନ କରୁଥିଲା। ୨୩ ଡିସେମ୍ବର ୧୯୫୮ରେ ବାରିପଦାରେ ଜନ୍ମ ଗ୍ରହଣ କରିଥିବା ଉତ୍ତମ ମହାନ୍ତି ବାସ୍ତବରେ ଥିଲେ ସର୍ବୋତ୍ତମ। ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟରୁ ବିଦ୍ୟାଳୟ ପାଠପଢ଼ା ପରେ ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନ ପଢ଼ିଥିଲେ ସେହିଠାରେ ହିଁ ମଞ୍ଚ ନାଟକରେ ତାଙ୍କ ନିଖୁଣ ଅଭିନୟ ଦକ୍ଷତା ତାଙ୍କ କଳା ଦୁନିଆ ପାଇଁ ବାଟ ଦେଖାଇଥିଲା। ଟେବୁଲ ଟେନିସ ଓ ବ୍ୟାଡ଼ମିଣ୍ଟନ ଖେଳିବାରେ ତାଙ୍କର ବଡ଼ ରୁଚି ରହିଥିଲା। ସ୍ନାତକ ପାଠ୍ୟକ୍ରମ ପରେ ଚାଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ।

ତେବେ ୧୯୭୬ ମସିହାରେ ଖ୍ୟାତନାମା ନିର୍ଦ୍ଦେଶକ ସାଧୁ ମେହେରଙ୍କ 'ଅଭିମାନ' ସିନେମା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ଏହି ସିନେମାର କାହାଣୀ ଲେଖକ ଆନନ୍ଦ ଶଙ୍କର ଦାସ ତାଙ୍କ ପରିଚିତ ଥିବାରୁ ସେ ଏହି ସିନେମା ପାଇଁ ତାଙ୍କୁ ରାଜି କରାଇଥିଲେ। ୧୯୭୭ରେ ରିଲିଜ ହୋଇଥିବା 'ଅଭିମାନ' ସେ ସମୟର ସୁପର ଡୁପର ହିଟର ମାନ୍ୟତା ପାଇଥିଲା। ତେବେ ଅନେକ ଗଣମାଧ୍ୟମକୁ ମଧ୍ୟ ଉତ୍ତମ କହିଥିଲେ ଯେ ସିନେମାକୁ ଆସିବା ପାଇଁ ତାଙ୍କର କୌଣସି ଇଚ୍ଛା ହିଁ ନଥିଲା। ତାଙ୍କ ନିଜ ଭାଷାରେ 'ଯଦି ପ୍ରଥମର ଏ ଲାଇନକୁ ଆସିବା ପାଇଁ ପ୍ରସ୍ତୁତ ଥାଆନ୍ତି ତେବେ ଦ୍ୱିତୀୟ ଫିଲ୍ମ ଦୁଇ ବର୍ଷ ପରେ କରିନଥାନ୍ତି'। ଓଡ଼ିଆ ଚଳଚ୍ଚିତ୍ରରେ ନାୟକର ନୂଆ ପରିଭାଷା ତିଆରି କରିବା ସହ ତାଙ୍କ ଭିନ୍ନ ଭିନ୍ନ ଭୂମିକାର ସାବଲୀଳ ଅଭିନୟ ତାଙ୍କୁ ହିଁ ଅବିଳମ୍ବେ ଓଡ଼ିଆ ଫିଲ୍ମ ଜଗତର ସବୁଠାରୁ ବଡ଼ ତାରକାର ମାନ୍ୟତା ଦେଇଥିଲା।

୧୯୭୭ରେ ତାଙ୍କ 'ଅଭିମାନ' ଚଳଚ୍ଚିତ୍ରରୁ ଯେଉଁ ସୁନେଲି ଜଗତକୁ ସେ ପାଦ ପକାଇଥିଲେ ପରେ ପରେ ତାଙ୍କର ୧୯୭୮ରେ 'ପତି ପତ୍ନୀ' ଠାରୁ ୧୯୮୨ରେ 'ଫୁଲ ଚନ୍ଦନ', ୧୯୮୪ରେ 'ଦଣ୍ଡା ବାଳୁଙ୍ଗା', ୧୯୮୫ରେ 'ସହରୀ ବାଘ', ୧୯୮୬ରେ 'ଜୋଉଯାର ମୂଳକ ତାର', ୧୯୮୯ରେ 'ଦଇବ ଦଉଡି' ଏହିପରି ତମାମ ସିନେମାକୁ ମିଶାଇଲେ ୧୩୫ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ୮୦ ଓ ୯୦ ଦଶକରେ ସେ ଥିଲେ ଓଡ଼ିଆ ସିନେ ଜଗତର ସବୁଠାରୁ ସଫଳ ଓ ବ୍ୟସ୍ତତମ ତାରକା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ଗୁଡ଼ିକ ଓଡ଼ିଆଙ୍କ ଘରେ ଘରେ ବେଶ ପ୍ରିୟପାତ୍ର ହୋଇପାରିଛି। ଏହା ବ୍ୟତୀତ ୧୯୯୧ରେ ହିନ୍ଦୀ ଚଳଚ୍ଚିତ୍ର 'ନୟାଜହର'ରେ ସେ ଅଭିନୟ କରିଥିଲେ। ତାଙ୍କର ଅନେକ ସିନେମା ସଫଳ କୃତୀତ୍ୱ ପାଇବା ସହ ସୁପରଡୁପର ହିଟ ମାନ୍ୟତା ପାଇଥିଲା। ୨୦୦୯ ମସିହାରେ ତାଙ୍କର ସେ ସିନେମା ଥିଲା 'ପାଗଳ କରିଛି ପାଉଁଜି ତୋର' ଏହା ବ୍ୟତୀତ 'ସାରା ଆକାଶ', 'ପଣତ କାନି', 'ଉତ୍ତରଦାୟୀ', 'କଥା କହୁଥିଲେ ସରିବନି' ପ୍ରମୁଖ କିଛି ଅଳ୍ପ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଛନ୍ତି। ସେ ଥିଲେ ଏପରି ଜଣେ ଓଡ଼ିଆ ଅଭିନେତା ଯେ କି ୧୩୫ଟି ଓଡ଼ିଆ ସିନେମା ସହିତ ୩୦ଟି ବଙ୍ଗଳା ସିନେମା ଓ ଗୋଟିଏ ହିନ୍ଦୀ ସିନେମାରେ ତାଙ୍କ ଦକ୍ଷତା ଦେଖାଇଛନ୍ତି। ତେବେ ୧୯୯୧ ମସିହାରୁ କୁଙ୍କୁମ ମୁଭିଜ ବ୍ୟାନରରେ ତିଆରି ହୋଇଥିବା 'ମମତାର ମନ୍ଦିର'ର ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମଧ୍ୟ ଏହାର ସୁଟିଂ ସରିଯାଇଥିଲା କିନ୍ତୁ ଏହାର ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟ ଏଯାବତ୍ ବାକି ରହିଗଲା। ଶ୍ରେଷ୍ଠ ଅଭିନେତା ଭାବେ ସେ ଚାରିଥର ପୁରସ୍କୃତ ହୋଇଛନ୍ତି। ସେ ସିନେମା ଗୁଡ଼ିକ ହେଉଛି 'ସୁନା ଚଢ଼େଇ', 'ଦଣ୍ଡା ବାଳୁଙ୍ଗା', 'ଫୁଲ ଚନ୍ଦନ' ଓ 'ଝିଅଟିଏ ସୀତା ପରି'। ୨୦୧୨ ମସିହାରେ ଓଡ଼ିଶା ଲିଭିଂ ଏଜେଣ୍ଡ ଆୱାର୍ଡ଼, ୧୯୯୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଜୟଦେବ ସମ୍ମାନ ସେ ପାଇଥିଲେ। ତାଙ୍କର ସୁପରହିଟ ଚଳଚ୍ଚିତ୍ର ଗୁଡ଼ିକ ପରବର୍ତ୍ତୀ ପିଢ଼ୀ ପାଇଁ ଅଭିନୟର ଯାଦୁ ଶିଖାଇଛି।



ଏମିତିରେ କହିବାକୁଗଲେ କେଉଁ ଓଡ଼ିଆ ଜଣେ ନଥିବେ ଯିଏ ଉତ୍ତମ ମହାନ୍ତିଙ୍କ ଅଭିନୀତ ସିନେମା ପ୍ରେମରେ ପଡ଼ିନଥିବେ। ତାଙ୍କର ରୋମାଣ୍ଟିକ ଅଭିନୟ ଠାରୁ ଆକ୍ସନ, ନୃତ୍ୟ ଠାରୁ ସାଧାରଣ ଚେହେରା ସବୁଥିରେ ସେ ଥିଲେ ଅନନ୍ୟ ଓ ସ୍ୱତନ୍ତ୍ର। ଓଲିଉଡରେ ସୁପରଷ୍ଟାର ବୋଲି ଯଦି କାହାରିକୁ ପ୍ରଥମ ଥର ଆଖ୍ୟା ଦିଆଯାଇଥିଲା ତେବେ ଯେ କେହି ବି ଆଖି ବୁଜି ସ୍ୱୀକାର କରିବ ସେ ଥିଲେ ହିଁ ଉତ୍ତମ। ବ୍ୟକ୍ତିଗତ ଜୀବନରେ ସେ ଜଣେ ଅତ୍ୟନ୍ତ ବନ୍ଧୁବତ୍ସଳ, ଭଦ୍ର, ଅମାୟିକ ଓ ଖୁବ କମ କଥା କହୁଥିବା ବ୍ୟକ୍ତିତ୍ୱ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ତାଙ୍କୁ ନେଇ ହିଁ ଘୁରି ବୁଲୁଥିଲା। (ପୃଷ୍ଠା ୭ରେ)

## ଛୋଟ ଗପ

# ଅନ୍ଧକାରର ଛାଇ

ମମତା ଜେନା

ନିଜକୁ ଯେତେ ବୁଝେଇଲେବି ସେତିକି ସହଜ ମନେ କରୁନଥିଲି..। କେମିତି ଅଶାନ୍ତି ଅଶାନ୍ତି ଲାଗୁଥିଲା, ଲୁହବୋଳା ଆକାଶକୁ ଚାହିଁଲି... ସଜ ସଜ କଜ୍ୱଳମଖା ଆକାଶଟି ଯେମିତି ଲୁହ ବୋଝେଇ ପାଲିଙ୍କିରେ ମାଟିକୁ ଓହ୍ଲାଉ ଥିଲା, କିଏ ପୋଛିଦେଇଥିଲା କି ତା ପାଦରୁ ଅଳତା, ଭାରି ନୃଶଂସ ଲାଗୁଥିଲା ଏଇ ପୃଥିବୀ, ପାହାଡ଼ର ପାଦ ଦେଶରେ ନିଜକୁ ସୁରକ୍ଷା ମାଗୁଥିବା ମଣିଷଟି ସତରେ କେତେ ଅସହାୟ...।

ସୁଦୀପ୍ତ ନାଁଟି ମୋ ଜୀବନ ଦେବାଳୟରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଅଛି ।ବହିଯାଉଥିବା ଲୁହକୁ ପୋଛିପକାଇ ତଳକୁ ମୁହଁ କଲି, ଝର ଝର ହୋଇ ଲୁହ ସବୁ ଝରି ଗଲା, କାହାକୁ ଦୋଷ ଦେବି ଆଉ କାହାକୁ କହିବି ହୃଦୟର ଏଇ ଯନ୍ତ୍ରଣା । ସୂର୍ଯ୍ୟ ଉଦୟ ଆଉ ଅସ୍ତ କେତେବେଳେ ଆରମ୍ଭ ହୋଇ କେତେବେଳେ ସରୁଥିଲା ତା ମୁଁ ଜାଣିପାରୁନଥିଲି ।ଆଖି ଆଗରେ ସ୍ଥାଣୁ ପରି ସୁଦୀପ୍ତ ଛିଡା ହୋଇଥଲେ, ଶୁଖିଯାଇଥିଲା ତାଙ୍କ ମୁହଁ, ଆଖି ଦୁଇଟି ଥମ ଥମ ଦିଶୁଥିଲା, ବେଦନାରେ ଭରିଯାଇ ଥିଲା ସାରା ଶରୀର, ଆଉ ସେଦିନ ପରି ତାଙ୍କ ଛାତିରେ ଲୋଟି ଯାଇ ପଚାରି ପାରିନଥିଲି..

କଣ ହୋଇଛି ତମର ସୁଦୀପ୍ତ ? କୁହ ପ୍ଲିଜ...

ସେ କିଛି କହିବା ଆଗରୁ ମୋ ହାତକୁ କ୍ଷୀଣ ସ୍ପର୍ଶ ଦେଇ କହିଥାନ୍ତେ..? ତମ କଥା ଭାବି ଭାବି ମୋର ଏଇ ଅବସ୍ଥା ... ଏକ ହସର ମାହୋଲରେ ଥରିଉଠୁଥିଲା ସେଦିନ ପରିବେଶ ।

ଓଃ...କୁଆଡେ ଗଲା ସେଦିନ, ଏକ ଯନ୍ତ୍ରଣାମୟ ଅନ୍ଧାରି କୋଠରୀରେ କିଏ ଯେମିତି ରଖି ଲୁହର ଟେଙ୍କ ଦେଉଛି । ଲୁହକୁ ପୋଛି ଦେଇ ପାଦ ଉଠାଇଲି ଯିବାକୁ..। କିଛି କହିବାକୁ ଓଠ ଥରୁଥିଲା, କଣ ଅଛି ଯେ ସୁଦୀପ୍ତଙ୍କୁ ମୁହଁ ଦେଖାଇବି, ଖୁସିହେବି...ବାହାଘରର ମାସେ ପରେ ଆସିଛନ୍ତି ମୋ ସହିତ ଦୁଃଖର କଥା ହେବାକୁ ।

ମୋ ହାତକୁ ଧରିଦେଇ କାନ୍ଦିପକେଇଲେ ସୁଦୀପ୍ତ .. ବୁନ୍ଦା ବୁନ୍ଦା ଲୁହକୁ ମୋ ହାତରେ ଅଜାଡି ଦେଇ କହିଥିଲେ...

ତମକୁ ଛାଡିଦେଲେ ମୋର ଦୁନିଆ ନାହିଁ ସ୍ମିତା... ଜାଣିଛ..ତମକୁ ଛାଡି ରହିପାରୁନି ଯିଏ ଆସିଛି ତାକୁ ଚାହିଁପାରୁନି...। ଅନ୍ତତଃ ମୋତେ ବୁଝିବାକୁ ଚେଷ୍ଟା କର...

ମୁଁ ଜାଣିଥିଲି ସୁଦୀପ୍ତ ସେମିତି ନୁହଁନ୍ତି ଦୁନିଆଁର ସବୁ ପୁଅଙ୍କଠାରୁ ସେ ଥିଲେ ଅଲଗା... କୋହର ବତୁରା ମାଟିର ଛିଟାରେ ମୋ ମୁହଁ ର ଚାରିଆଡେ ଅନ୍ଧାରର ଛାଇ । କଣ ବୁଝେଇବି କଣ କହିବି ସୁଦୀପ୍ତକୁ, ମୁଁ ନିଜକୁ ତ ବୁଝାଇପାରିନି...ଖାଲି ମନେ ମନେ କହିଥିଲି ସେଦିନ ଦିପହରେ ତୁମ ଦେଇଥିବା ମିଠା ସ୍ମୃତି ମୋତେ ସଦାବେଳେ ଜାଳିଦେବ... ଆଖି ବୁଜିଦେଲେ ସେଇ ମୁହୂର୍ତ୍ତ ସବୁ ଆଖି ଆଗରେ ନାଚି ଯାଉଛି...।

କଣ କରିବି ନକରିବି ହୋଇ ତରତର ହୋଇ ଚାଲିଆସିଥିଲି, ପଛକୁ ଆଉ ଚାହିଁବାକୁ ମୋର ଇଚ୍ଛାନଥିଲା ।

ସେଦିନ କିନ୍ତୁ ଏମିତି ଯେବେ ରାଗୁଥିଲି ଅନେକ ବୁଝେଇ ଶୁଝେଇ ମୋତେ ସାଥୀରେ ନେଇ ଥିଲେ ତାଙ୍କ ରହୁଥିବା ରୁମକୁ । ଅଳ୍ପ ଶୀତ ଥିବା ଏକ ମଧୁର ମୁହୂର୍ତ୍ତକୁ ସାମ୍ନା କରିଥିଲି, ଏତେ ଖୁସି ଆନନ୍ଦକୁ ପାଇବି ବୋଲି ଭାବି ନଥିଲି, ଦେହ ମନରେ ଶିହରଣ ଖେଳିଯାଇଥିଲା...ଓଠ ଥରି ଉଠିଥିଲା.. ଆଉ କିଛି ଘଟିବ ଆଗରୁ ଆଖି ବୁଜି ଦେଇଥିଲି, ଇଛା ହେଉନଥିଲା ଆସିବାକୁ କାହାର କ୍ରୁର ନଜରକୁ ଏଡାଇବା ପାଇଁ ଲାଜ ଆଉ ଭୟରେ ଚାଲି ଆସିଥିଲି, ଅନେକ ଦିନ ଯାଏ ତାଙ୍କୁ ମୁହଁ ଦେଖେଇ ପାରିଲିନି, ସୁଦୀପ୍ତ ହସି ହସି କଣ କହିଲେ ମୁଁ ଲାଜରେ ମୁହଁ ଫେରାଇ ନେଉଥିଲି ।



ବାପା ବୋଉଙ୍କର ବାଧ୍ୟ ବାଧକତାରେ ବାହା ହୋଇ ଫେରିଥିବା ସୁଦୀପ୍ତଙ୍କ କାନ୍ଦୁରା ମୁହଁଟି ଦେଖି ମୁଁ ବି କାନ୍ଦି ପକାଇଥିଲି

ମନେ ମନେ କହୁଥିଲି....

ସୁଦୀପ୍ତ ମୁଁ ସେଇ ଟିକକ ସ୍ମୃତି ନେଇ ସାରା ଜୀବନ ରହିଯିବି, ତମେ ଭଲରେ ରୁହ। ଆକାଶରେ ଖଣ୍ଡେ କଳାମେଘ ଭାସିଉଠିଲା ବିଜୁଳି ଘଡ଼ଘଡ଼ି ସହ ଚାରିଦିଘ ଅନ୍ଧାର ଦିଶିଲା ଏଇ ଅନ୍ଧାର ତ ଚିର ସାଥି ମୋର ।


ଆଧାପିକା... ଓଡ଼ିଆ ବିଭାଗ
ବାଙ୍କୀ କଟକ..୭୫୪୦୦୮


## ପଢ଼ିବା ପରେ...

# ବିବର ଶେଷର ସୂର୍ଯ୍ୟୋଦୟ ...




ପରୀକ୍ଷାଧର୍ମୀ ଗଳ୍ପରେ ବିଶ୍ୱାସ ରଖୁଥିବା ଗାଳ୍ପିକଙ୍କ ମଧ୍ୟରେ ବନମାଳୀ ସେନାପତି ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ସେ ଅଳ୍ପ ଲେଖନ୍ତି ଆଉ ଭଲ ଲେଖନ୍ତି। ଏବେ ଏବେ ପ୍ରକାଶ ପାଇଛି ତାଙ୍କର ତୃତୀୟ ଗଳ୍ପ ସଂକଳନ ବିବର ଶେଷର ସୂର୍ଯ୍ୟୋଦୟ। ସମୁଦାୟ ଶହେ ଅଠେଇଶି ପୃଷ୍ଠାର ସଂକଳନଟିରେ ପ୍ରକାଶ ପାଇଛି ସତରଟି ଭିନ୍ନ ଭିନ୍ନ କାହାଣୀ।

ପ୍ରଥମ ଗଳ୍ପ 'ବିବର ଶେଷର ସୂର୍ଯ୍ୟୋଦୟର' ମୁଖ୍ୟ ଚରିତ୍ର ଗୋଟିଏ ସାପ। ଏ ଗପଟି ପଢ଼ିଲା ବେଳେ ମନେପଡ଼େ ବର୍ଷିଆନ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ଗୋଟିଏ ଅଶୁଭ ପୁତ୍ରର କାହାଣୀ, ଯେଉଁଥିରେ ବଞ୍ଚିବା ପାଇଁ ସଂଘର୍ଷ କରି ଶେଷରେ ଟଳି ପଡୁଚି ପେଚା ଶାବକ। ମାତ୍ର ଏ ଗପଟି ଟିକେ ନିଆରା, ଯେଉଁଠି ସାପଟିଏ ମଣିଷକୁ ଭାବୁଛି ସବୁଠୁଁ ଭୟଙ୍କର ପ୍ରାଣୀ ଆଉ ତା କବଳରୁ ବଞ୍ଚିବା ପାଇଁ ସଂଘର୍ଷ କରୁଚି। କାହାଣୀରେ ନୂତନତା ରହିଛି ଏବଂ ବର୍ଣ୍ଣନାଶୈଳୀ ଉତ୍କଣ୍ଠାପୂର୍ଣ୍ଣ।

'ବୋଉ ଓ ହଳଦୀବସନ୍ତ' ଗପ ପାଠକଙ୍କୁ ଭାବୁକ କରିବ କିଛି କ୍ଷଣ। ପ୍ରତିଟି ସନ୍ତାନର ତା ବୋଉ ପ୍ରତି ରହିଥାଏ ସ୍ୱତନ୍ତ୍ର ଦୁର୍ବଳତା। ବୋଉକୁ ପ୍ରାଣ ଭରି ଭଲ ପାଉଥିବା ପୁଅଟିଏ ଅସମୟରେ ତାକୁ କ୍ୟାନ୍ସରରେ ହରେଇ ଦେଇ ନିଜ ଭିତରେ ଉଜୁଡ଼ି ଯାଇଛି ତା'ର ମର୍ମସ୍ପର୍ଶୀ କାହାଣୀ।



କୌଣସି ଏକ କାରଖାନାର ହେଡ୍ କ୍ଲର୍କ ବିକାଶ ଦାସ। ଅବସରର ଦୁଇମାସ ଆଗରୁ ତାଙ୍କର ଦୁଃଖଦ ମୃତ୍ୟୁ ହେଉଛି। ମୃତ୍ୟୁ ପରେ ତାଙ୍କ ଜୀବନର ଆଉ ଏକ ସତ୍ୟ ଉଦଘାଟିତ ହୋଇଛି। ସାରା ଜୀବନ ଲୋଭୀ ଆଉ କଂଜୁସ ଜୀବନ ଜିଉଁଥିବା ପରି ବାହାରକୁ ପ୍ରତୀୟମାନ ହେଉଥିବା ଲୋକଟି ଗୋଟିଏ ହୃଦୟବାନ ଲୋକ ଥିଲା ଏବଂ ଅନେକଙ୍କୁ ଆର୍ଥିକ ସାହାଯ୍ୟ କରୁଥିବା ପରି ସତ୍ୟ ଉନ୍ମୋଚିତ ହୋଇଛି। କାହା ହୃଦୟରେ ନିଜ ପାଇଁ ଜାଗା ସଂଚୟ କରିବା ହିଁ 'ସଂଚୟ' ର କାହାଣୀ। ପୂଜା ପାଠ, ଈଶ୍ୱର ବିଶ୍ୱାସକୁ ଫୁ କରି ଉଡ଼େଇ ଦେଉଥିବା, ଶାଶୂକୁ ନିର୍ଯାତନା ଦେଉଥିବା ବୋହୂଟିଏ ଦିନେ ଈଶ୍ୱରଙ୍କ ଶରଣକୁ ଆସେ। ତାଙ୍କୁ ବିଶ୍ୱାସ କରେ। ଶାଶୂର ଜୀବନ ଭିକ୍ଷା କରେ। ଈଶ୍ୱର ବିଶ୍ୱରର ଭିନ୍ନ ଏକ କାହାଣୀ 'ଅନ୍ୟ ଏକ ସୁବର୍ଣ୍ଣା'।

ମଣିମୟ ପରି ପାଞ୍ଚ ମହଲା କୋଠାରେ ଜୀବନ କାଟୁଥିବା ବ୍ୟକ୍ତିଙ୍କର ଦିନେ ଚାକ ଚକ୍ୟ ଜୀବନରୁ ମୋହଭଙ୍ଗ ହୁଏ। ତୁହାଇ ତୁହାଇ ମନେପଡ଼େ ଅତୀତ, ମନେପଡ଼େ ପିଲାଦିନ, ମନେପଡ଼େ ଗାଁ। ଶେଷରେ ଗାଁ ମଠ ହୁଏ ଶେଷ ଆଶ୍ରୟ। 'ନୂଆ ଠିକଣା' ଗାଁର ସ୍ମୃତି ବିଜଡିତ ସୁନ୍ଦର କାହାଣୀ।

କିଛି ବର୍ଷ ହେବ ଲିଭିଂ ଟୁଗେଦର ପରି ଶବ୍ଦ ଆମେ ଶୁଣି ଆସୁଛେ। ବିବାହ ନକରି ପୁଅଟିଏ ଆଉ ଝିଅଟିଏ ଏକାଠି ରହିବାକୁ ଲୋକେ ଭୃକୁଞ୍ଚନ କରନ୍ତି। କାରଣ ଏହା ଏକ ଅବାଧ ଆଉ ମୁକ୍ତ ଯୌନ ଜୀବନକୁ ଜନ୍ମ ଦେଇଥାଏ ଆଉ ପରେ ଆଇନଗତ ସମସ୍ୟା ସୃଷ୍ଟି କରିଥାଏ। ମାତ୍ର ଗାଳ୍ପିକ ଆଉ ପାଦେ ଆଗକୁ ଯାଇ ନିଜ ପିଲାମାନଙ୍କ ଦ୍ୱାରା ଅବହେଳିତ ଦୁଇ ଜଣ ବୃଦ୍ଧା ବୃଦ୍ଧା ଯେଉଁମାନେ ନିଜ ନିଜ ସ୍ତ୍ରୀ ଆଉ ସ୍ୱାମୀଙ୍କୁ ହରେଇ ଦେଇଛନ୍ତି ତାଙ୍କୁ ଏକାଠି କରେଇଛନ୍ତି। ଯେଉଁଠି ସମ୍ପର୍କ ଏକ ଜୈବିକ ଆକର୍ଷଣ ନୁହେଁ ବରଂ ପରସ୍ପରର ଦୁଃଖ ସୁଖ ବାଣ୍ଟିବାର ଏକ ସୁନ୍ଦର ଅବସର। 'ଲିଭିଂ ଟୁଗେଦର' ଗଳ୍ପ ଭିନ୍ନ ସ୍ୱାଦର ନିଶ୍ଚୟ।

ପିଞ୍ଜରାବଦ୍ଧ ଶୁକ ପକ୍ଷୀପରି ମଣିଷର ଜୀବନ ଆଜିକାଲି ହୋଇ ଯାଇଛି। ଯିଏ ମୁକ୍ତ ଭାବରେ ସଂସାରକୁ ଆସି ଜଂଜାଳର ପିଞ୍ଜରା ଭିତରେ ନିଜକୁ ଆବଦ୍ଧ କରି ରଖିଛି। ଗୋଟିଏ ପିଞ୍ଜରାବଦ୍ଧ ଶୁକ ପକ୍ଷୀ ସହିତ ଗୋଟିଏ ମଣିଷ ଜୀବନର ତୁଳନାତ୍ମକ ଚିତ୍ରର କାହାଣୀ 'ବନ୍ଦୀର ଆତ୍ମକଥା' ପାଠକଙ୍କୁ ଛୁଇଁବ। ପୁଅ ଆଉ ବୋହୂ ଦ୍ୱାରା ଅବହେଳିତ ବିଧବାଟିଏ କେମିତି ଅତିଷ୍ଠ ହୋଇ ବଞ୍ଚିବାର ନିଆରା ରାସ୍ତା ବାଛି ନିଏ ତା'ର କରୁଣ ଚିତ୍ର ଗଳ୍ପ 'ଶୂନ୍ୟସ୍ଥାନ ଶୂନ୍ୟ ରହେନି'।

ବିବାହିତ ପୁରୁଷଟିଏ ବେଳେବେଳେ ପତ୍ନୀ ଆଉ ମା ଭିତରେ ନିଜକୁ ବାଣ୍ଟି ବାଣ୍ଟି ଭୁଲ୍ ବୁଝାବଣାର ଶିକାର ହୁଏ। ସେମିତି ଏକ ଅସହାୟ ପୁରୁଷ ସୌଭାଗ୍ୟ ନିର୍ଯାତନାର କାହାଣୀ 'ଅନ୍ଧାର ଜଙ୍ଗଲ', ଯେଉଁଠି ପୁଅଟିଏ ମା'ର କରୁଣ ଆବେଦନକୁ ପ୍ରତ୍ୟାଖ୍ୟାନ ନକରି ନିଜର କିଡ଼ନୀ ଦେଇଛି ଏବଂ ତା'ର ଏଇ କାର୍ଯ୍ୟପାଇଁ ପତ୍ନୀ ସବୁଦିନ ପାଇଁ ତାକୁ ଛାଡ଼ି ଚାଲି ଯାଇଛି।

ଦାମ୍ପତ୍ୟରେ ମନୋମାଳିନ୍ୟ କିଛି ନୂଆ କଥା ନୁହେଁ, ମାତ୍ର ସମର୍ପଣ ହିଁ ଦାମ୍ପତ୍ୟକୁ ମଧୁର କରେ। ଅନ୍ୟଥା ଅହଂକାର ତ ସବୁ ଜାଳି ପୋଡ଼ି ଛାରଖାର କରିଦିଏ। ସେଥିପାଇଁ ଦୁଇ ବଖରା ଟାଇଲି ଘରେ ତା ସାନ ଭଉଣୀ ନିକିତା ସୁଖକର ଜୀବନ ଜିଉଁଥିବା ବେଳେ ନେହା ନିଜେ ଚାକିରୀ କରି ବଡ଼ କୋଠାରେ ରହି ନିଃସଙ୍ଗ ଜୀବନ କାଟୁଥିଲା। ଜୀବନକୁ ସୁଖରେ ଜିଇଁବାର ସୂତ୍ର ରହିଛି 'ଭଲ ପାଇବାର ଉପପାଦ୍ୟ' ଗପରେ।

କେବଳ ଏତିକି ନୁହେଁ ଉପେକ୍ଷିତା ରାଣୀ, ଅପରାହ୍ନ, ଆସକ୍ତି, ମୁଁ ଚନ୍ଦ୍ରସେଣା, ରକ୍ତ ସମ୍ପର୍କ, ବିବେକ, ତୁମେ ଅସାଧାରଣ ପରି ନିଆରା ନିଆରା ଗପ ସବୁ ପାଠକଙ୍କ ମନକୁ ଛୁଇଁବ। ସାମାଜିକ ମୂଲ୍ୟବୋଧ ଏବଂ ଜୀବନବାଦକୁ ନେଇ ତାଙ୍କର ଗଳ୍ପ ସବୁ ସମୃଦ୍ଧ। ପୂର୍ବ ଦୁଇଟି ସଂକଳନ ପରି ଏ ଗଳ୍ପ ସଂକଳନ ପାଠକଙ୍କ ଶ୍ରଦ୍ଧାଲାଭର ଆଶା ରଖେ।




ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଘୁର୍ଣ୍ଣନ ଚୌକି ଦିବସ ପାଳନ

ଭଦ୍ରକ, ୦୧/୩ (ନି.ପ୍ର): ୨୦୦୮ରୁ ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖରେ ପାଳିତ ହୋଇଆସୁଥିବା ଆନ୍ତର୍ଜାତିକ ଘୁର୍ଣ୍ଣନ ଚୌକି ଦିବସକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ପୁନଃର୍ବାସ ସେବା ଓ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଘୁର୍ଣ୍ଣନ ଚୌକି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଆବଶ୍ୟକତା ଉଦ୍ଭାବନର ଜନନୀ। ୧୬୫୫ ମସିହାରେ ଜଣେ ଭିନ୍ନକ୍ଷମ ନିଜର ଅକର୍ମନ୍ୟ ଓ ଅସହାୟତାର ଭାବନାରୁ ବାହାରି ଆସି ଘୁର୍ଣ୍ଣନ ଚୌକିର ଆବଶ୍ୟକତା ଉପଲବ୍ଧିକରି ଏହାର ଉଦ୍ଭାବନରେ ସଫଳତା ଅର୍ଜନ କରି କେବଳ ନିଜର ନାମକୁ ଅମର କରିଯାଇ ନାହାନ୍ତି, ବରଂ ସବୁଦିନକୁ ଶାରିରୀକ ଅବୟବ ଅଚଳ କିମ୍ବା ଚଲାବୁଲା କରିପାରୁନଥିବା ଲୋକଙ୍କ ଜୀବନକୁ ସହଜ ସରଳ କରିବା ପାଇଁ ଏକ ସୁଯୋଗ ଦେଇଯାଇଛନ୍ତି। ପ୍ରଯୁକ୍ତିବିଦ୍ୟା, ଯାନ୍ତ୍ରିକ ଜ୍ଞାନ କୌଶଳ ବଳରେ ସେଦିନର ହ୍ୱିଲ ଚେୟାର ର ଅନେକ ପରିବ ର୍ନ ଓ ରୂପାନ୍ତର ହୋଇ ଆଜି ଏକ ସହଜ ସରଳ ଭାବେ ବ୍ୟାବହାର ପୋଯୋଗୀ ହୋଇପାରିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା ଦେବରାଜ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଦିବ୍ୟାଙ୍ଗ ମାନଙ୍କ ଆବଶ୍ୟକତା ସହିତ ବିଭିନ୍ନ ପରିସ୍ଥିତିରେ ଚଲାବୁଲାରେ ଅସହାୟ ଲୋକ ମାନଙ୍କ ପାଇଁ ଏହି ଚୌକିର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମୁଖ୍ୟବକ୍ତା ଭାବେ ପୁର୍ନସେବା କେନ୍ଦ୍ରର ନିର୍ଦ୍ଦେଶକ ଡା ଭଗବାନ ପରିଡ଼ା ଘୂର୍ଣ୍ଣନ ଚୌକିର ନିର୍ମାଣ କୌଶଳ, ଦେଶରେ ଏହି ଚୌକିର ବ୍ୟାବହାର କାରୀଙ୍କ ସଂଖ୍ୟାବୃଦ୍ଧି, ଏହି ଚୌକିର ବ୍ୟାବହାରକାରୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଆଦି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ଓ ମ ପରିଚାଳନା କରିଥିବା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଉକ୍ତ କେନ୍ଦ୍ରର ଅନ୍ତେବାସୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପୂର୍ବରୁ ଘୂର୍ଣ୍ଣନଚୌକି ବ୍ୟବହାର କରୁଥିବା ଅନ୍ତେବାସୀଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଭାବେ ଲାୟନ୍ସ କ୍ଲବ, ଡିଭାଇନ୍‌ର ସଭାପତି ପଦ୍ମନରାୟ, ସାଇସ୍ୱରୂପା ଅନୁଷ୍ଠାନର ସଂପାଦକ ଡ. ଶତର ଆର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅନ୍ତେବାସୀ ଓ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




# ଓଲିଉଡର ଧ୍ରୁବତାରା : ସର୍ବୋତ୍ତମ ଉତ୍ତମ...

(ପୃଷ୍ଠା ୬ର ଅବଶିଷ୍ଟ)

ଏପରି ଏକ ସମୟ ଥିଲା ତାଙ୍କୁ ଛାଡ଼ି କୌଣସି ସିନେମା କଥା ନିର୍ଦ୍ଦେଶକ ବା ପ୍ରଯୋଜକମାନେ ଚିନ୍ତା ବି କରିପାରୁ ନଥିଲେ। ତାଙ୍କ ପରିବାରଟି ସମ୍ପୂର୍ଣ୍ଣ ରୂପେ ଚଳଚ୍ଚିତ୍ର ଜଗତ ପ୍ରତି ସମର୍ପିତ। ତାଙ୍କ ପତ୍ନୀ ଅଭିନେତ୍ରୀ ଅପରାଜିତା ଓ ପୁଅ ବାବୁଶାନ ଅଭିନୟ ଜଗତରେ ଅନେକ ସଫଳତା ପାଇଛନ୍ତି। ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡର ସର୍ବକାଳୀନ ହିଟ ଯୋଡ଼ି ଭାବେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିବା ସହ ପ୍ରଯୋଜକଙ୍କୁ ସଫଳତା ଦେଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତର ସେ ଥିଲେ ଚିରସବୁଜ ନାୟକ। ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କ ଯୋଗଦାନ ଅତୁଳନୀୟ। ନିଖୁଣ ଓ ଜୀବନ୍ତ ଅଭିନୟ ତାଙ୍କୁ ଘରେ ଘରେ ଲୋକପ୍ରିୟ କରାଇଥିଲା। ଓଡ଼ିଶା ସିନେ ଜଗତର ଜଣେ ଯୋଗଜନ୍ମାଙ୍କ ଆଜି ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ବାସ୍ତବରେ ଅପୂରଣୀୟ ରହିବ। ଦୀର୍ଘ ସମୟ ପାଇଁ ପ୍ରତିଟି ଓଡ଼ିଆଙ୍କ ମନରେ ହିଁ ସେ ରହିବେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରୁଛି।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ୍,
ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୯୨୦୪୬୫୨୦୬୫

## ପୂର୍ଣ୍ଣ ୱାର୍କଚାର୍ଜଡ୍ ସଂଘର ଘେରାଉ ସ୍ଥଗିତ

ଭୁବନେଶ୍ୱର , ୦୧/୩ (ନି.ପ୍ର): ୫ ଦଫା ଦାବି କାର୍ଯ୍ୟକାରିତା ନେଇ ଓଡ଼ିଶା ୱାର୍କସ୍ ଡିପାର୍ଟମେଂଟ ୱାର୍କଚାର୍ଜଡ) / ରେଗୁଲାର କର୍ମଚାରୀ ଆସୋସିଏସନ୍ ମାର୍ଚ୍ଚ ୩ ତାରିଖରେ ଘୋଷଣା କରିଥିବା ଘେରାଉ କାର୍ଯ୍ୟକ୍ରମକୁ ଆସନ୍ତା ଏପ୍ରଲ୍ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ଘୋଷଣା କରିଛି । ଯନ୍ତ୍ରୀମୁଖ୍ୟ (ସିଭିଲ)ଙ୍କ ସଭାଗୃହ ପ୍ରକୋଷ୍ଠରେ ଶନିବାର ଯନ୍ତ୍ରୀମୁଖ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘର ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପୂର୍ତ୍ତ ସଚିବ ମାଗିଥିବା ଗ୍ରାଚ୍ୟୁଇଟି ବାବଦରେ ବ୍ୟୟ ଅଟକଳ ଏପ୍ରିଲ୍ ୭ରେ ସକରାରଙ୍କୁ ପ୍ରଦାନ କରିବେ। ପେନ୍‌ସନ୍ ଓ ଅବ୍ୟବହୃତ ଛୁଟି ବେତନ ପ୍ରଦାନ ବାବଦରେ ସରକାରଙ୍କୁ ସୁପାରିଶ କରିବେ।

# ଜୀବନସଂଗ୍ରାମ ସାରସ୍ୱତ ଟ୍ରଷ୍ଟର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ପୁସ୍ତକ ଉନ୍ମୋଚନ ଓ ବନ୍ଧୁମିଳନ

ବାଲେଶ୍ୱର, ୦୧/୩ (ନି.ପ୍ର): 'ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ'ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାରଂପାରିକ ଭାବେ ଅନୁଷ୍ଠିତ ହୋଇଯାଇଛି। 'ଓଡ଼େଶା ଭବନ'ରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଟ୍ରଷ୍ଟି କବି ବିଜୟ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଡ. ଭରତ ଚନ୍ଦ୍ର ପାତ୍ର ଯୋଗଦେଇ ମାନବ ସମାଜର ବିଭିନ୍ନ କ୍ଷେତ୍ରରେ ଜୀବନ ସଂଗ୍ରାମକୁ ଲିଖିତ ଭାବେ ଲୋକଲୋଚନକୁ ଆଣିବାରେ ଟ୍ରଷ୍ଟର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଚଳିତବର୍ଷ 'ସାହିତ୍ୟରେ ସାମାଜିକ ଅଙ୍ଗୀକାର' ଶୀର୍ଷକ ପୁସ୍ତକକୁ ଏହି ଅବସରରେ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଜୟ ଉପାଧ୍ୟାୟଙ୍କ ଦ୍ୱାରା ଲିଖିତ ୨୬ଟି ପ୍ରବନ୍ଧ ଓ ଏକ ସାକ୍ଷାତକାର ଏହି ପୁସ୍ତକରେ ସଂକଳିତ କରାଯାଇଛି। ପୁସ୍ତକକୁ ସମୀକ୍ଷା କରି ଅନ୍ୟତମ ଅତିଥି ଡ. ଶାନ୍ତ୍ୱନା ହାଲଦାର ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକରେ ବହୁ ବିଶିଷ୍ଟ ସାହିତ୍ୟିକମାନଙ୍କ ସାହିତ୍ୟକୃତିରେ କିପରି ସେମାନଙ୍କର ସମାଜପ୍ରତି ଅଙ୍ଗୀକାରବଦ୍ଧତା ପ୍ରଦର୍ଶିତ ହୋଇଛି ତାହାର ଦୃଷ୍ଟାନ୍ତ ଦେଇଥିଲେ। ପୁସ୍ତକର ପ୍ରକାଶକ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀର ମୁଖ୍ୟ କବି ଡ. କାଳିପଦ ପଣ୍ଡା ପ୍ରକାଶିତ ପୁସ୍ତକ ସଂପର୍କରେ ପ୍ରାକ୍‌କଥନ ରଖିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଥିଲେ। ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ଇଂ. ଡ. ହୃଷିକେଶ ସାହୁଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ଏହି ଉତ୍ସବରେ ଇଂ. ଡ. ସାହୁ ଟ୍ରଷ୍ଟର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ଅରୂପ ଅଭିଷେକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମ ଆହ୍ୱାନ କରି ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭିନ୍ନ ସାମାଜିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ଇଂ. ଡ. ସାହୁଙ୍କୁ ଜନ୍ମଦିନ ଅବସରରେ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। କବି ଇଂ. କୁମାର କା ର୍କ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ଉ ମ ମହାନ୍ତି ଓ ବିଶିଷ୍ଟ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ବିୟୋଗରେ ଟ୍ରଷ୍ଟପକ୍ଷରୁ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଉତ୍ସବରେ ବାଲେଶ୍ୱରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ।




**AFFIDAVIT**

An affidavit before the Executive Magistrate Jaleswar, I, Suchismita Dey, formerly called Suchismita Jena, Wife of Surendra Jena, permanent resident of At- Gobarghata, Po- Laxmannath, Ps- Jaleswar, Dist- Baleshwar, Odisha- 756087 hereby solemnly affirm and state that I wholly renounce, relinquish and abandon the use of my former name of Suchismita Jena and in place thereof assume the name of Suchismita Dey. I shall use and sign the name of Suchismita Dey hereafter in all records, deeds and writings and in all proceeding, dealing and transaction, private as well as public.

Suchismita Dey

# ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, ୦୧/୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ୭୮ତମ ପ୍ରତିଷ୍ଠା ଦିବସ ଶାନ୍ତିକାନନସ୍ଥିତ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପ-ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବରେ ସୁସାହିତ୍ୟିକ ବାଗ୍ମୀ ଡ. ଶିରୀଶ ଚନ୍ଦ୍ର ଜେନା, ବରେଣ୍ୟ ବକ୍ତା ଭାବରେ 'ଅକ୍ଷାଂଶ'ର ସମ୍ପାଦକ ସୁସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା, ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ସାହିତ୍ୟିକ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, କଥାକାର ନିବାରଣ ଜେନା, କଥାକାର ପ୍ରଦୀପ ଚାଟାର୍ଜୀ, ପ୍ରାବନ୍ଧିକ ଡ. ରମାକାନ୍ତ ନାୟକ, ଡା. କୁମାର ଗୋପାଲ, କୋଷାଧ୍ୟକ୍ଷ ତପନ ରାୟ ପ୍ରମୁଖ ମଞ୍ଚାସୀନ ହୋଇ ପରିଷଦର ଗରିମାମୟ ଇତିହାସ ଏବଂ ପରିଷଦ ସହ ସେମାନଙ୍କର ବଳିଷ୍ଠ ସଂପୃକ୍ତି ବିଷୟରେ ସବିଶେଷ ଆଲୋଚନା କରିଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଫକୀରମୋହନଙ୍କ ସମ୍ବନ୍ଧୀୟ କବିତା ପାଠ କରିଥିଲେ ସୁସାହିତ୍ୟିକା ସୁଶ୍ରୀ ଅରୁଣା ରାୟ, କବୀ ଚିତ୍ରାରାଣୀ ପାତ୍ର, ସାହିତ୍ୟିକ ପୀତାମ୍ବର ଦାସ। ପ୍ରାରମ୍ଭରେ ଯୁଗ୍ମ ସମ୍ପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ପରିଷଦ ଗୀତିକାକୁ ଅର୍ଚ୍ଚନା କର, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଗୀତାଞ୍ଜଳି ଶତପଥୀ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା ପ୍ରମୁଖ ଗାନ କରିଥିଲେ। ଏଥି ସହିତ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସାଇ ଭୂମିକା ପରିଛା ଓଡ଼ିଶୀ ସଂଗୀତ ପରିବେଷଣ କରିଥିବା ବେଳେ ପ୍ରଜ୍ଞା ପାରମିତା ପ୍ରଧାନ ଏକ ଭକ୍ତିସଂଗୀତ ଗାନ କରିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚାହ୍ୱାନ କରିଥିବା ବେଳେ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ଇଂ. ବିଜୟ କୁମାର ମହାନ୍ତି, ରଞ୍ଜନ ବାଗ, ସାବିତ୍ରୀମଣି ବେହେରା, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ସ୍ୱାଗତ ଜୀବନ ପ୍ରଧାନ, ସୁଷମା ମହାପାତ୍ର, ଉର୍ମିଳା ନାୟକ, ପ୍ରଦୀପ କୁମାର ମିଶ୍ର, ଭବେନ୍ଦ୍ରନାଥ ପାଣିଗ୍ରାହୀ, ଲମ୍ବୋଦର ନାୟକ, ଅନସୂୟା ନାୟକ, ବେଣୁଧର ସାହୁ, ଅକ୍ଷୟ କୁମାର କର, ମଧୁସୂଦନ ମାଝୀ, ରମାକାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ବେହେରା, ମାମିନା ମହାପାତ୍ର, ଅଞ୍ଜଳି ସ୍ୱାଇଁ, ଅବନ୍ତୀ ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

**OFFICE OF THE PRINCIPAL**
**DR HAREKRUSHNA MAHATAB COLLEGE,**
**KUPARI, BALASORE**

**QUOTATION CALL NOTICE**

DR HAREKRUSHNA MAHATAB COLLEGE, KUPARI, BALASORE, ODISHA through Open Tender Enquiry (OTE) invites Expression of Interest (EOI) from registered reputed original equipment manufacturing companies/ Firms or their authorized partners/agents/distributers having valid GST, PAN number and IT clearance to supply laboratory equipment for different departments of our college. The last date of receipt of tender at the end of the undersigned is on or before 08.03.2025. The tender will be opened on 10.03.2025 at 4.00 p.m. The authority reserves right to cancel any/all the quotations) without assigning any reasons thereof. For details, please visit the college authority.

**Sd/- PRINCIPAL,**
**DR HAREKRUSHNA**
**MAHATAB COLLEGE,**
**KUPARI, BALASORE**

# ଚାଷୀ ଲୁଟ୍ ବନ୍ଦ କରିପାରୁନାହାଁନ୍ତି ସରକାର

ଭୁବନେଶ୍ୱର , ୦୧/୩ (ନି.ପ୍ର): ଧାନ ବିକ୍ରିରେ ଚରମ ଦୁର୍ନିତୀ ଅଭିଯୋଗରେ ନବନିର୍ମାଣ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚଳାଇଥିବା ଅନଶନ ୧୫ ଦିନରେ ପହଂଚିଛି। ମାସ ମାସ ଧରି ଧାନ କିଣାରେ ମିଲରମାନଙ୍କ ପୂରା ମନମାନି ଜାରିରହିଛି। ଗଣତାନ୍ତ୍ରିକ ଉପାୟରେ କୃଷକ ସଂଗଠନ ତରଫରୁ ବିଭିନ୍ନ ସମୟରେ ଜିଲ୍ଲାପାଳ ଉପଜିଲ୍ଲାପାଳ ଯୋଗାଣ ଅଧିକାରୀମାନଙ୍କୁ ବାରମ୍ବାର ମିଲରମାନେ କିଭଳି ସମବାୟ ସମ୍ପାଦକମାନଙ୍କୁ ହାତ କରି ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ଧାନର ମାନ ଯାଂଚ କଲେ ମିଲର ଧାନ ଉଠିବନାହିଁ, ଧାନ ପଡ଼ିଯିବ ଏଭଳି ଅପପ୍ରଚାର କରି ଚାଷୀମାନଙ୍କୁ ଭୟଭୀତ କରାଉଛନ୍ତି। "ସମାଜ"ର ସଂପାଦକ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ନିଜେ ଅନଶନ ସ୍ଥଳୀକୁ ଆସି ଶ୍ରୀ କୁମାରଙ୍କ ସହ ଧାନ କିଣାରେ ଚାଷୀଙ୍କୁ ମିଲର ଓ ସରକାରଙ୍କ ଶୋଷଣର ଫନ୍ଦା ବିଷୟରେ ବୁଝିଥିଲେ। ଅନଶନକୁ ନୈତିକ ସମର୍ଥନ ଜଣାଇ ସାଧାରଣ ଗରିବ ଚାଷୀ କିଭଳି ଶୋଷଣରୁ ମୁକ୍ତ ହେବେ ସେ ନେଇ ଉଦ୍ୟମ କରିବେ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଶିବାନନ୍ଦ ରାୟ, ବିଜେଡ଼ିର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଅନଶନ ସ୍ଥଳରେ ଧାନ କିଣାରେ କିଭଳି ମିଲର ସରକାରୀ କର୍ମଚାରୀଙ୍କ ଶୋଷଣ ଓ ସେଥିରେ ରାଜନେତାଙ୍କ ସମର୍ଥନ ଓ ପ୍ରୋତ୍ସାହନ ସେହି ପାପଚକ୍ର ବିଷୟରେ ବୁଝିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଖୋଲିଲା ...

ସିଆରପିସିର ଧାରା ୧୭୩(୮) ଅନୁସାରେ ଏହି ନୋଟିସ ଜାରି ହୋଇଛି । ଏବେ ଆସନ୍ତୁ ନଜର ପକାଇବା କଣ କହୁଛି ଏହି ଧାରା । ଧାରା ଅନୁସାରେ ସିଆରପିସିର ଧାରା ୧୭୩(୮) କୋର୍ଟରେ ଚାର୍ଜସିଟ ଫାଇଲ ହୋଇଥିଲେ ବି ଫୌଜଦାରୀ ମାମଲାରେ ଅଧିକ ତଦନ୍ତ ହୋଇପାରିବ। ନୂଆ ପ୍ରମାଣ ମିଳିଲେ କୋର୍ଟକୁ ସପ୍ଲିମେଂଟାରୀ ରିପୋର୍ଟ ଦିଆଯାଇପାରିବ। ପ୍ରମାଣ ଆଧାରରେ କୋର୍ଟ ଅଧିକ ତଦନ୍ତ ପାଇଁ ନିଷ୍ପତ୍ତି ନେଇପାରନ୍ତି। ନବଦାସ ହତ୍ୟା ମାମଲାରେ ବଡ ଷଡଯନ୍ତ୍ର ହୋଇଛି ବୋଲି ବିଜେପି ବାରମ୍ବାର କହିଆସୁଛି । ଦୀପାଳି ବି ସିବିଆଇ ତଦନ୍ତ କରୁ ବୋଲି ଦାବି କରିସାରିଛନ୍ତି । କ୍ରାଇମବ୍ରାଂଚର ତଦନ୍ତ ଉପରେ ପ୍ରଶ୍ନ ଉଠିଛି । ତେଣୁ ଏହି ନୋଟିସ ପୁଣି ହଇଚଇ ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି । ବିଶାଳ ଓ ଦୀପାଳୀଙ୍କୁ କ୍ରାଇମବ୍ରାଞ୍ଚ ନୋଟିସ୍ ପରେ ରାଜନୈତିକ ବୟାନବାଜି ବି ଆରମ୍ଭ ହୋଇଯାଇଛି।

### ମନ୍ତ୍ରୀ ପଦକୁ ବିପଦ...

ଏହାବାଦ୍ ଅଧିକାଂଶ ମନ୍ତ୍ରୀଙ୍କ ପାଖରେ ଏକାଧିକ ବିଭାଗ ରହିଥିବାରୁ ସେମାନଙ୍କୁ ଚାପମୁକ୍ତ କରିବାକୁ ବିଭାଗରେ ଅଦଳବଦଳ କରାଯାଇପାରେ । ବର୍ତ୍ତମାନ ୮ଟି ସଂସଦୀୟ କ୍ଷେତ୍ର କଟକ, ଭୁବନେଶ୍ୱର, ସୁନ୍ଦରଗଡ଼, କଳାହାଣ୍ଡି, ବାଲେଶ୍ୱର, କେନ୍ଦ୍ରାପଡ଼ା, କୋରାପୁଟ, କନ୍ଧମାଳ ମନ୍ତ୍ରୀଶୂନ୍ୟ ରହିଛି। ତେଣୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣରେ ଏହି ଅଂଚଳକୁ ଅଗ୍ରାଧିକାର ଦିଆଯାଇପାରେ । ଦଳୀୟ ଅନ୍ଦରମହଲରୁ ମିଳିଥିବା ସୂଚନା ଅନୁସାରେ, ଓଡିଶା ଗସ୍ତ ସମୟରେ ବିଜେପି ଜାତୀୟ ସଭାପତି ଜେ.ପି ନଡ୍ଡା ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢିବାକୁ ତାଗିଦ କରିଛନ୍ତି ।

### ମୁଖ୍ୟମନ୍ତ୍ରୀ ପଦ ପାଇଁ ...

କର୍ଣ୍ଣାଟକରେ କଂଗ୍ରେସ ସରକାର ଗଠନ ସମୟରେ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଶିବକୁମାର ଆଧା ଅଧା ସମୟ ରାଜ୍ୟର ମୁଖ୍ୟ ହେବେ ବୋଲି କଂଗ୍ରେସ ହାଇକମାଣ୍ଡ ଉପସ୍ଥିତରେ ଚୁକ୍ତି ହୋଇଥିଲା । ଯାହା ଆଧାରରେ ଏବର୍ଷ ଶେଷ ସୁଦ୍ଧା ଡିକେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବା କଥା । ମାତ୍ର ସିଦ୍ଧରମୈୟା ଏତେ ସହଜରେ ମୁଖ୍ୟମନ୍ତ୍ରୀ ପଦ ଛାଡିବେ ବୋଲି ଡିକେ ଭାବୁ ନାହାଁନ୍ତି । ଏହାଛଡା ଦଳିତ ସମ୍ପ୍ରଦାୟର ସିଦ୍ଧରମୈୟାଙ୍କୁ ବାହାର କରିବାକୁ କଂଗ୍ରେସ ହାଇ କମାଣ୍ଡ ଚାହିଁ ନପାରନ୍ତି ତେଣୁ ହାଇକମାଣ୍ଡଙ୍କ ଆଗରେ ନିଜର ରାଜନୈତିକ ବିକଳ୍ପ ଖୋଲା ରଖିବାକୁ ଡିକେଙ୍କ ଏହା ପ୍ରୟାସ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ମାତ୍ର ଡିକେ ଏହାକୁ ଖଣ୍ଡନ କରିଛନ୍ତି । ନିଜକୁ ଜଣେ ସଚ୍ଚା ହିନ୍ଦୁ ବୋଲି ଅବିହିତ କରିବା ସହ କୌଣସି ସମୟରେ କଂଗ୍ରେସ ଛଡା ତାଙ୍କର ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଦୃଢ଼ ଭାବେ ମତ ଦେଇଛନ୍ତି।

### ପର୍ଯ୍ୟଟନ ବିକାଶରେ...

୮ ହଜାର ୧୫୩ କୋଟିର ନିବେଶ ଫାଇଲ କ୍ଲିୟରାନ୍ସ ଦ୍ରୁତଗତିରେ ଚାଲିଛି। ଭିତ୍ତିଭୂମିର ବିକାଶ ପାଇଁ ୩୦୦କୋଟି ପ୍ରଦାନ କରାଯାଇଛି। ଫଳରେ ଅଧପନ୍ତରିଆ ହୋଇ ପଡ଼ିରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ପ୍ରଭାତୀ ପରିଡ଼ା। ପର୍ଯ୍ୟଟନର ବିକାଶ ପ୍ରସଙ୍ଗରେ ପାଣ୍ଡିଆନଙ୍କୁ ପ୍ରଭାତୀଙ୍କ ଟାର୍ଗେଟ ପରେ ଏହାର ଜବାବ ରଖିଛି ବିଜୁ ଜନତା ଦଳ। ପର୍ଯ୍ୟଟନର ଯାହା ବି ବିକାଶ ବିଜେଡ଼ି ସରକାର ସମୟରେ ହିଁ ହୋଇଛି। ବର୍ତ୍ତମାନର ସରକାର ନିଜ କାର୍ଯ୍ୟ ସଠିକ୍ ଭାବେ କରିପାରୁନାହାଁନ୍ତି, କେବଳ ରାଜନୈତିକ ଅଭିସନ୍ଧି ରଖି ଏଭଳି ବୟାନବାଜି କରୁଥିବା କହିଛନ୍ତି ବିଜେଡ଼ି ବିଧାୟକ ଶାରଦା ଜେନା। ବିଜେଡ଼ି ସରକାର ସମୟରେ ଫାଇଭ-ଟି ଅନୁକ୍ରମରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ପ୍ରକଳ୍ପ ହାତକୁ ନିଆଯାଇଥିଲା।

### ପୁଣି ବିବାଦରେ...

ପ୍ରଶ୍ନପତ୍ରରେ ମାର୍କ ମିସିଂ ଥିବା ଜଣାପଡିଥିଲା। ବିଜ୍ଞାନ ସବଜେକ୍ଟିଭ୍ ଉ- ସେଟ୍‌ରୁ ହଜିଯାଇଥିଲା ୪ ମାର୍କର ପ୍ରଶ୍ନ। ପ୍ରଶ୍ନପତ୍ରର ଏ,ବି,ସି,ଡି ସେଟ୍ ମଧ୍ୟରୁ କେବଳ ସି- ସେଟରେ ଏହି ତ୍ରୁଟି ସାମ୍ନାକୁ ଆସିଥିଲା। ଫଳରେ ପିଲାମାନେ ୪୬ ମାର୍କର ଦେଇଛନ୍ତି ପରୀକ୍ଷା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଯେତିକି, ତାଠୁ ଅଧିକ ଦ୍ୱନ୍ଦ୍ୱ ଆଉ ପ୍ରଶ୍ନ। ମାର୍କ କେତେ ମିଳିବ ? ଖରାପ ହୋଇଯିବନି ତ ବର୍ଷକର ପରିଶ୍ରମ ? ପ୍ରଶ୍ନପତ୍ରରେ ଏତେ ବଡ଼ ତ୍ରୁଟିକୁ ମାନିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ସ୍ୱୀକାର କରିଛନ୍ତି, ଭୁଲ୍ ? ହୋଇଛି। ତେବେ ପରୀକ୍ଷାର୍ଥୀଙ୍କ ଯେମିତି କୌଣସି କ୍ଷତି ହେବନି, ସେନେଇ ବିଚାର କରୁଛୁ ବୋଲି କହିଛନ୍ତି ବୋର୍ଡ ସଭାପତି। ମୂଲ୍ୟାୟନ ବେଳେ ଏହାକୁ ବୋର୍ଡ କମିଟି ନଜର ଦେବ ଓ ପିଲାଙ୍କ ମାର୍କିଂ ଉପରେ କୌଣସି ପ୍ରଭାବ ପଡିବନି ବୋଲି କହିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ତେବେ ଏଠି ପ୍ରଶ୍ନ ଉଠୁଛି, ମୁଦ୍ରଣ ଜନିତ ମିସ୍ ପ୍ରିଣ୍ଟ ହେଲା କେମିତି ? ପ୍ରଶ୍ନପତ୍ର ଅନୁଧ୍ୟାନ କମିଟି ଭୁଲ୍ ଜାଣିପାରିଲେନି କେମିତି ? ଭୁଲ୍ ପ୍ରଶ୍ନପତ୍ରକୁ କିପରି ଅନୁମତି ଦିଆଗଲା ? ଗ୍ରେସ୍ ମାର୍କ ମିଳିଲେ କିଛି ନିର୍ଦ୍ଦିଷ୍ଟ ପିଲାଙ୍କ ଲାଭ ହେବ। ହେଲେ ଅନ୍ୟମାନେ ଆପତ୍ତି ଉଠାଇବେନି ତ ? ପ୍ରଶ୍ନପତ୍ରକୁ ନେଇ ପିଲାଙ୍କ ମନରେ ଆଶଙ୍କା ରହିବନି ତ ? ପିଲାଙ୍କ ମାନସିକ ଅବସ୍ଥା ଉପରେ ପଡିବନି ତ ପ୍ରଭାବ ? ଚାପମୁକ୍ତ ହୋଇ ପିଲା ପରବର୍ତ୍ତୀ ପରୀକ୍ଷା ଦେବେ ତ ? ପିଲାଙ୍କ ଏତେ ବଡ଼ ସମ୍ବେଦନଶୀଳ ପରୀକ୍ଷାରେ ବୋର୍ଡ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ନ ଥିଲା କି ?

### ମାର୍ଚ୍ଚ ଆରମ୍ଭରୁ ...

କାଲି ଅପେକ୍ଷା ଆଜି ଅଧିକ ତାତି ଅନୁଭବ ହେଉଛି । ଗତକାଲି ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିଲା । ତେବେ ମାର୍ଚ୍ଚରୁ ମେ ଯାଏଁ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି ଗ୍ରୀଷ୍ମ ଲହର ଅବଧି ବୃଦ୍ଧି ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଉଭୟ ଦିନ ଓ ରାତିରେ ତାପମାତ୍ରା ସ୍ୱାଭାବିକଠୁ ଅଧିକ ରହିବ । ସୂଚନାଯୋଗ୍ୟ, ସାଧାରଣତଃ ଫେବ୍ରୁଆରୀ ମାସ ବେଳକୁ ଶୀତ ପ୍ରକୋପ ରହିଥାଏ ।

### ଦିଲ୍ଲୀରେ ପୁରୁଣା...

ପରିବେଶ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ିଗୁଡ଼ିକୁ ଦିଲ୍ଲୀରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ ବୋଲି ସିର୍ସା କହିଛନ୍ତି। ଦିଲ୍ଲୀ ଓ ଏନସିଆରରେ ପୂର୍ବରୁ ହିଁ ୧୦ ବର୍ଷ ପୁରୁଣା ଡିଜେଲ ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ିକୁ ବ୍ୟାନ କରାଯାଇଛି। ୨୦୨୨ ଜାନୁଆରୀ ୧ ଠାରୁ ଏହି ନିୟମ କାର୍ଯ୍ୟକାରୀ ହେଉଛି ଓ ଉଲ୍ଲଙ୍ଘନକାରୀଙ୍କ ଗାଡ଼ିକୁ ଜବତ କରି ସ୍କାର୍ପ ୟାର୍ଡକୁ ପଠାଯିବାର ପ୍ରାବଧାନ ରହିଛି। ପ୍ରଦୂଷଣ ସ୍ତରକୁ ହ୍ରାସ କରିବା ପାଇଁ ପେଟ୍ରୋଲ ପମ୍ପ କଟକଣା ବ୍ୟତୀତ ବଡ଼ବଡ଼ ବିଲଡିଂ, ହୋଟେଲ ଓ ଦିଲ୍ଲୀରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ଆଣ୍ଟି ସ୍ମଗ ଗନ ଲଗାଇବାକୁ ବାଧ୍ୟ। ସିର୍ସା କହିଛନ୍ତି, " ଏଠାରେ ଅନେକ ବଡ଼ବଡ଼ ହୋଟେଲ, ବଡ଼ବଡ଼ ଅଫିସ, ଦିଲ୍ଲୀ ଏୟାର ପୋର୍ଟ ଓ ବଡ଼ବଡ଼ ନିର୍ମାଣ ସଂସ୍ଥା ରହିଛି।

### ସୁରକ୍ଷାକର୍ମୀଙ୍କ ଗୁଳିରେ...

ସେଥିମଧ୍ୟରୁ କେବଳ ୬୭ ଜଣ ମାଓବାଦୀ ବସ୍ତର ଡିଭିଜନର ରହିଛନ୍ତି । ଦିନକ ପୂର୍ବରୁ ସୁକ୍‌ମା ପୋଲିସ ନିକଟରେ ୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ଏହି ମାଓବାଦୀମାନେ ୨୦୨୧ ଟେକୁଲଗୁଡା ଆମ୍ବୁସ ଆଟାକ୍‌ରେ ସମ୍ପୃକ୍ତ ଥିଲେ, ଯେଉଁଥିରେ ୨୨ ଜଣ ଯବାନଙ୍କ ଜୀବନ ଯାଇଥିଲା ବୋଲି ସୂଚନା ଦେଇଥିଲେ ସୁକ୍‌ମା ଏସପି କିରନ ଚଭନ । ଗତ ଫେବ୍ରୁଆରୀ ୯ରେ ଛତିଶଗଡରେ ବଡ ଧରଣର ଏନକାଉଣ୍ଟର ହୋଇଥିଲା । ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଛତିଶଗଡ଼ ବିଜାପୁର ନ୍ୟାସନାଲ ପାର୍କ ଅଞ୍ଚଳରେ ଏନ୍‌କାଉଣ୍ଟର୍ ହୋଇଥିଲା । ଏଥିରେ ୨ ଜଣ ଯବାନ ସହିଦ ହୋଇଥିଲେ । ଆଉ ୨ ଜଣ ଯବାନ ଗୁରୁତର ଆହତ ହୋଇଥିଲେ ।

### ମଣିପୁର ପାଇଁ କେନ୍ଦ୍ର ...

ବେଆଇନ ଚାଲାଣ ଓ ନିଶାଦ୍ରବ୍ୟ କାରବାର କଲେ କଡ଼ା କାର୍ଯ୍ୟାନୁଷ୍ଠାନଫେବ୍ରୁଆରୀ ୧୩ରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି । ବିରେନ ସିଂ ଇସ୍ତଫା ଦେବା ପଏବେ ସୁଦ୍ଧା ରାଜ୍ୟକୁ ମିଳିପାରିନି ନୂଆ ମୁଖ୍ୟମନ୍ତ୍ରୀ ।

### ମୁମ୍ବାଇରେ ବେଆଇନ ଭାବେ ...

ବାଂଲାଦେଶର ନାଗରିକ ବେଆଇନ ଭାବେ ରହୁଥିବା ଗୋପନୀୟ ସୂଚନା ମିଳିଥିଲା । ଏହି ଆଧାରରେ ଶୁକ୍ରବାର ବିଳମ୍ବିତ ରାତିରେ ସେହି ଘରେ ରେଡ୍ କରାଯାଇଥିଲା । ପୋଲିସ ଏଠାରେ ବାଂଲାଦେଶର ୫ଜଣ ନାଗରିକଙ୍କୁ ଗିରଫ କରିଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ଡ. ମନୋରମା ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୦୧/୩ (ନି.ପ୍ର): ପ୍ରସିଦ୍ଧ କବୟିତ୍ରୀ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ସଂପର୍କୀୟା ଡ. ମନୋରମା ଦାଶଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ସରସ୍ୱତୀ ବିହାରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଃ ସ୍ମୃତି ଚାରଣପୂର୍ବକ ସୂଚନା ଦେଇଥିଲେ ଯେ ପୁରୀ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜାତ ଡ. ମନୋରମା ଏକାଧାରରେ ଜଣେ ସଂସ୍କୃତବିଦୁଷୀ, ପ୍ରାବନ୍ଧିକା ଓ କବୟିତ୍ରୀ ଭାବରେ ସୁପରିଚିତ ଥିଲେ। ଗତ ୧୯ ତାରିଖରେ ସରସ୍ୱତୀ ବିହାରରେ ତାଙ୍କର ୭୯ ବର୍ଷ ବୟସରେ ବିୟୋଗ ସମସ୍ତଙ୍କୁ ଶୋକାକୁଳ କରିଥିଲେ। ବେଦବିଦ୍ୱାନ୍ ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ସଂସ୍କୃତ ବିଦ୍ୱାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଡ. ଭାଗବତ ତ୍ରିପାଠୀ, ଡ. ମୁକ୍ତିକାନ୍ତ ଶତପଥୀ, ସମାଜ ସଂସ୍କାରକ ଯୁଧିଷ୍ଠିର ପଣ୍ଡା, ସଭାପତି ପଣ୍ଡିତ ନରହରି ଦାଶ, ପଣ୍ଡିତ ରତ୍ନାକର ମିଶ୍ର। ମନ୍ଦରଧର ଦୀକ୍ଷିତ ଏଡଭୋକେଟ ରାଧାକାନ୍ତ ଦୀକ୍ଷିତ, ମାଡ୍ରାସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସିନ୍ଧିଛନ୍ଦ ଦାଶ, ପୋଥିତ ବିଶ୍ୱାରଦା ଡ. ମମତା ମିଶ୍ର, ସରସ୍ୱତୀ ବିଦ୍ୟାବିହାରର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ଦେବୀ, ଆଇ.ଆଇ.ଟି ଖଡ଼ଗପୁରର ପ୍ରଫେସର ଚନ୍ଦ୍ରଶେଖର ମିଶ୍ର ଓ ବ୍ରାହ୍ମଣ ମହାସଂଘର ତୁଙ୍ଗ କର୍ମକ ର୍ତ୍ତା ଗଣ ବିଦୂଷୀ ମନୋରମା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଂଗେ ସଂଗେ ବ୍ରାହ୍ମଣ ସଂଗଠନର ଦୃଢ଼ତା ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର, ବାଲେଶ୍ୱର, ପୁରୀ ଓ ଭଦ୍ରକ ଜିଲ୍ଲାରୁ ଶତାଧିକ ବ୍ରାହ୍ମଣ ଏହି ସଭାରେ ଯୋଗ ଦେଇଥିଲେ। ଡ. ଦୀକ୍ଷିତଃ ସମସ୍ତଙ୍କୁ ବ୍ରାହ୍ମଣ ଭୋଜନରେ ଆପ୍ୟାୟିତ ଓ ସମ୍ମାନିତ କରିଥିଲେ। ଶେଷରେ ଉପସଭାପତି କ୍ଷୁଦିରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳମଣି ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ



ବାଲେଶ୍ୱର, ୦୧/୩ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ବିଜ୍ଞାନ ପରିଷଦର ବାର୍ଷିକୋତ୍ସବ ଓ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଜ୍ଞାନ ପରିଷଦର ସଭାପତି ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପରିଷଦର ଉପସଭାପତି ଅଧ୍ୟାପକ ଜୟକୃଷ୍ଣ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଭୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧ୍ୟାପକ ପ୍ରେମାନନ୍ଦ ସେଠୀ, ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି ଓ ଶ୍ରୀମତୀ ସନ୍ଧ୍ୟାରାଣୀ ଭୋଇ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବିଜ୍ଞାନ ଯୁବ ନେତୃତ୍ୱ ସୃଷ୍ଟି କରିବା ନିମିତ୍ତ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ । ବୈଜ୍ଞାନିକ ଚିନ୍ତାଧାରା ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଷ୍ଠ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଅଧ୍ୟାପକ ଶମ୍ଭୁନାଥ ଗିରି, ଡ. ଶାନ୍ତନୁ କୁମାର ଜେନା, ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ, ଶ୍ରବଣ ନାୟକ, ଅଧ୍ୟାପିକା କାବେରୀ ସାହୁ, ବାସନ୍ତୀ ସାହୁ, ରଧାଗୋବିନ୍ଦ ମହାନ୍ତି, ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଶୋକ ମଢୁଆଳ, ଓମବ୍ରତ ବେହେରା, ବୀଣାପାଣି ଗିରି, ଜ୍ୟୋତିର୍ମୟୀ ପତି, ସଞ୍ଜୟ କୁମାର ପ୍ରଧାନ, ଶିବା ବାରିକ, ସିଦ୍ଧି ପ୍ରତୀକ, ଦମୟନ୍ତୀ ମାଇତି, କୃଷ୍ଣାପ୍ରିୟା ସିଂ, ବିକାଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ନୀଳମଣି ମହାବିଦ୍ୟାଳୟର କଲେଜ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ୨୦୨୩-୨୪ ଶିକ୍ଷା ବର୍ଷରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ପ୍ରଭୃତି ବିଭାଗ ଓ +୨- ବିଜ୍ଞାନରେ ସର୍ବାଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ଡ. ଅନ୍ନପୂର୍ଣ୍ଣା ରଣା ଓ ଡ. ରୋଜାଲିନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରାଚୀରପତ୍ର ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଓ ପୁରସ୍କାର ବିତରଣ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ବିଜ୍ଞାନ ପରିଷଦର ଉପଦେଷ୍ଟା ବାସନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଙ୍ଗଳାଛକରେ ଚଢାଉକରି ଚୋରା ଦେଶିମଦ ଭର୍ତ୍ତି ପିକଅପ ଜବତ

ବେତନଟୀ , ୦୧/୩ (ନି.ପ୍ର): ବେତନଟୀ ଅବକାରୀ ପୁଲିସ ଶୁକ୍ରବାର ରାତିରେ ପ୍ରେଟ୍ରୋଲିଙ୍ଗ ଟିମ୍ ୧୮ନଂ ଜାତୀୟରାଜପଥ ବଙ୍ଗଳାଛକ ଠାରେ ଚଢାଉକରି ଚୋରା ଦେଶିମଦ ଭର୍ତ୍ତି ପିକଅପ ଜବତ କରିଛି କ୍ଷ ଘଟଣା ରୁ ପ୍ରକାଶ ବଡ଼ସାହି ରୁ ବାଲେଶ୍ୱର ଅଭିମୁଖେ ଚୋରାମଦ ଚାଲାଣ ହେଉଥିବା ଖବର ପାଇ ବେତନଟୀ ଅବକାରୀ ବିଭାଗର ଇନ୍ସପେକ୍ଟର ପ୍ରକାଶ ସାହୁ ସଦଳବଳେ ଚଢ଼ାଉକରିଥିଲେ କ୍ଷ ଚଢାଉ ସମୟରେ ଓଆର -୦୧କିୟୁ - ୭୨୫୨ ନମ୍ବର ବିଶିଷ୍ଟ ପିକଅପ ଭିତରୁ ୧୧୪୦ ଚୋରା ଦେଶିମଦ ଭର୍ତ୍ତି ମୋଟର ଟ୍ୟୁବ ଜବତ କରାଯାଇଛି । ଘଟଣା ସ୍ଥଳରୁ ଚାଳକ ଓ ହେଲପର ଙ୍କୁ ସ୍ଥାନୀୟ ଲୋକ ଧରିବା ପାଇଁ ଚେଷ୍ଟା କରିଥିଲେ ମଧ ସେମାନେ ସେଠାରୁ ଚମ୍ପଟ ମାରିଥିଲି ।

# ସିବିଏସଟିରେ ଜାତୀୟ ବିଜ୍ଞାନ ଦିବସ ପାଳିତ

## କଠିନ ପରିଶ୍ରମର ଫଳ କେବେ ବୃଥା ହୋଇନଥାଏ



ବାଲେଶ୍ୱର, ୦୧/୩ (ନି.ପ୍ର): ସ୍ଥାନୀୟ ଚୁନଭାଟି ଅଞ୍ଚଳରେ ଥିବା କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିବିଏସଟି) ପରିସରରେ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ସୋମେନ୍ଦ୍ରକୁମାର ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମାଜ' ବାଲେଶ୍ୱର ସଂସ୍କରଣର ବରିଷ୍ଠ ସହସମ୍ପାଦକ ତଥା ବ୍ୟୁରୋ ମୁଖ୍ୟ ଶଶିରଞ୍ଜନ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀ ବିଜ୍ଞାନ ମନସ୍କ ହେବା ସହ ଗବେଷଣା ଦିଗ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। କଠିନ ପରିଶ୍ରମର ଫଳ କେବେ ବୃଥା ହୋଇନଥାଏ ବୋଲି କହିବା ସହ ନୋବେଲ ବିଜେତା ବୈଜ୍ଞାନିକ ସାର ସିଭି ରମଣଙ୍କ 'ରମଣ ପ୍ରଭାବ' ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ମୌସୁମୀ ଦାସ ପଟ୍ଟନାୟକ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ପାଲ ସାର ସିଭି ରମଣଙ୍କ ଜୀବନୀ ଓ ରମଣ ପ୍ରଭାବ ପୃଷ୍ଠଭୂମି ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ଅଧ୍ୟାପକ/ଅଧ୍ୟାପିକା ବିପାଶା ଦାସ, ଆଲିସା ଗିରି, ନୀଳିମା ମଢୁଆଳ, ପ୍ରଳୟକୁମାର ବେହେରା, ଭରତ ମହାରଣା ପ୍ରମୁଖ ସହଯୋଗ କରିଥିବା ବେଳେ ପଦାର୍ଥବିଜ୍ଞାନ ତୃତୀୟ ବର୍ଷ ଛାତ୍ରୀ ସେଲିନା ରଣା, ଲିପସା ଲୋପାମୁଦ୍ରା ବାରିକ, ପ୍ରଜ୍ଞାପାରମିତା ଖୁଣ୍ଟିଆ, ପ୍ରାଣୀ ବିଜ୍ଞାନ ବିଭାଗର ତୃତୀୟ ବର୍ଷ ଛାତ୍ର ସୁବ୍ରତକୁମାର ଧାମୁଡ଼ିଆ ପ୍ରମୁଖ ପାୱାରପଏଣ୍ଟ ମାଧ୍ୟମରେ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶେଷରେ ଲିପସା ଲୋପାମୁଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରିରୁ ଗ୍ରିନ କିଲବ୍ୟାକ ସାପ ଉଦ୍ଧାର

ନୀଳଗିରି, ୦୧/୩ (ନି.ପ୍ର): ନୀଳଗିରି ଏନ୍ଏସି ଅଧୀନ ୮ ନମ୍ବର ୱାର୍ଡ ସାନଅତା ଗ୍ରାମରୁ ଏକ ବିରଳ ପ୍ରଜାତିର 'ଗ୍ରିନ୍ କିଲ୍ ବ୍ୟାକ୍' ସାପ ଉଦ୍ଧାର କରାଯାଇଛି । ସାପଟି ଉକ୍ତ ଗ୍ରାମର ମହେନ୍ଦ୍ର ଜେନାଙ୍କ ଠାକୁରଘର ଭିତର ଏକ ଥାକରେ ରହିଥିବା ବେଳେ ଶ୍ରୀଜେନା ଏହାକୁଦେଖି ତୁରନ୍ତ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି । ବିଗତ ଦିନ ମାନଙ୍କରେ ଏମିତି ଅନେକ ବିରଳ ପ୍ରଜାତିର ସାପ ନୀଳଗିରିରୁ ଉଦ୍ଧାର ହୋଇଥିବା ବେଳେ ନୀଳଗିରି ବନବିଭାଗ ନିକଟରେ ସାପ ଧରିବା ପାଇଁ ସରକାରୀ କର୍ମଚାରୀ ନାହାନ୍ତି। ଯାହାକି ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶପାଇଛି । ଏଣୁ ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଲେ ବହୁତ ଲୋକ ଉପକୃତ ହୁଅନ୍ତେ ବୋଲି ଜନସାଧାରଣ ଦାବି କରିଛନ୍ତି ।

# ସହକାରୀ ଶିକ୍ଷୟିତ୍ରୀଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା



ଜଳେଶ୍ୱର, ୦୧/୩ (ନି.ପ୍ର): ଜଳେଶ୍ୱର ବ୍ଲକ ତଥା ଜଳେଶ୍ୱର ମୁନସୀ ପାଲିଟି ଅର୍ନ୍ତଗତ ଫେବୃୟାରୀ ୨୮ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ରେ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅରବିନ୍ଦ ପାତ୍ର ଙ୍କ ପୌରହିତ୍ୟ ରେ ବରେଣ୍ୟ ଅତିଥି ଭାବରେ ଭାଗବତ ଚନ୍ଦ୍ର ପରିଡା, ପ୍ରାକ୍ତନ ଏ ବିଇ ଓ ବନମାଳୀ ଧଳ , ଶିକ୍ଷାବିତ୍ ତଥା ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ରପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି, ପ୍ରାକ୍ତନ ଶିକ୍ଷକ ରମେଶ ଚନ୍ଦ୍ର ଗିରି, ଶିକ୍ଷକ ନେତା ଅରୁଣ କୁମାର ମହାନ୍ତି,ସି ଆର ସି ସି ଅଜିତ କୁମାର ପାତ୍ର, ପ୍ରାକ୍ତନ ପ୍ରଧାନ କମଳ ଲୋଚନ ମହାପାତ୍ର, ପ୍ରଦୀପ କୁମାର ଜେନା, ସୂର୍ଯ୍ୟ କାନ୍ତ ଆଚାର୍ଯ୍ୟ, ଝାନସୀ ରାଣୀ ଘଡେଇ, ସ୍ମିଷ୍ଠା ରାଣୀ ଜେନା, ମାନସ କୁମାର ବ୍ରହ୍ମ, ସୋମ୍ୟରଞ୍ଜନ ପାତ୍ର, ସ୍ମିତା ରାଣୀ ଭଞ୍ଜ, ଅମ୍ବିକା ଦାସ, ଲଳିତା ସରେନ, ମମତା ସେଠୀ,ସୁସ୍ମିତା ପରିଡା, ଲକ୍ଷ୍ୟ ହୀରା ଗିରି ପ୍ରଭୃତି ଦୀର୍ଘ ବର୍ଷର ଶିକ୍ଷୟିତ୍ରୀ ଜୀବନ ପରେ ଆଜି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ତାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି।ଏହି ଅବସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ସ୍କୁଲ ପରିଚାଳନା କମିଟିର ସଭାପତି ତଥା କର୍ମକର୍ତ୍ତା ତଥା ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି ଙ୍କ ବକ୍ତବ୍ୟ ରେ କହିଥିଲେ ଶିକ୍ଷା ଦାନରେ ଅବସର ନଥାଏ। ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ପରିବ୍ୟାପ୍ତ ଅଟେ। ଶିକ୍ଷକ ଶିକ୍ଷୟିତ୍ରୀ ସମାଜର ଦର୍ପଣ। ତାଙ୍କ ଠାରୁ ଜ୍ଞାନ ଆହରଣ ସହିତ ଜୀବନଚର୍ଯ୍ୟା, ଭକ୍ତି, କର୍ତ୍ତବ୍ୟ ଆଦି ସମ୍ପର୍କିତ ଉପାଦେୟ ଶିକ୍ଷା ସର୍ବଦା ଗ୍ରହଣୀୟ ଅଟେ। ବିଦ୍ୟାଳୟରେ ଦୀର୍ଘ ୪୧ ବର୍ଷ ଧରି ଅନବରତ ସୂଚାରୁ ଭାବେ ଶିକ୍ଷାଦାନ କରି ବିଦ୍ୟାଳୟର ଅଗଣିତ ଭବିଷ୍ୟତ ଗଢି ଥିବାର ଭୂମିକା ବିଷୟରେ କହିଥିଲେ। ଏବଂ ମଞ୍ଚାସୀନ ଅତିଥି ଯୋଗ ଦେଇ ସମାଜ ଗଠନ କରିବା ପାଇଁ ଆଗାମୀ ଭବିଷ୍ୟତ ସେମାନଙ୍କୁ ସେଇଭଳି ଭାବରେ ମୂର୍ତ୍ତିଟିଏ ଗଠନ କରିହେବ ବକ୍ତବ୍ୟ ପ୍ରଦାନ କରିଥିଲେ। ସମର୍ପଣ, ଇଚ୍ଛାଶକ୍ତି, ସଂଘର୍ଷ, ବିଦ୍ୟାଗବୋଧ ଏବଂ ସାହାସିକତା ଛାତ୍ରଛାତ୍ରୀଙ୍କୁ ଯଥାର୍ଥ ମଣିଷ କରିପାରେ ତଥା ଶ୍ରଦ୍ଧା ହେଉଛି ସାହସିକତାର ଜନନୀ। ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଠାରୁ ଅବସର କାଳୀନ ସମ୍ବର୍ଦ୍ଧନାପତ୍ର, ଉପାୟନ, ପୁଷ୍ପଗୁଚ୍ଛ ଗ୍ରହଣ ସମୟରେ ଭାବ ବିହ୍ୱୋଳ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସୌଦାମିନୀ ଦେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାରିପଦା , ୦୧/୩ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଆରତୀ ବିଦ୍ୟା ମନ୍ଦିର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଫିସର ପତିତପାବନ ମହାପାତ୍ର ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଡଃ ସ୍ନେହଲତା ବେହେରା ଓ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଉପରେ ଗୁଣଗାନ କରିଥିଲେ । ସମସ୍ତ ସି ଆର ସି ସି, ଶିକ୍ଷକ /ଶିକ୍ଷୟତ୍ରୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀ ମହାପାତ୍ରଙ୍କ ସମୟାନୁବର୍ତ୍ତିତା, କାର୍ଯ୍ୟଦକ୍ଷତା ଓ ଉତ୍ତମ ବ୍ୟବହାର ତଥା ଜଣେ ସଚ୍ଚୋଟ ଅଫିସର ଭାବେ ତାଙ୍କର କାର୍ଯ୍ୟ ଶୈଳୀ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି ପ୍ରକାଶ କରିଥିଲେ । ଶେଷରେ କାର୍ଯ୍ୟାଳୟ, ଜିଲ୍ଲା ତଥା ବ୍ଲକ ସଙ୍ଘ, ସି ଆର ସି ସି ଓ ଶିକ୍ଷକ / ଶିକ୍ଷୟତ୍ରୀ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ନିଜ ବାସଭବନ ପର୍ଯ୍ୟନ୍ତ ଯାଇ ବିଦାୟ ଦେଇଥିଲେ।

# ବାଲି ଓ ମୋରମ ବୋଝେଇ ଗାଡି ଜବତ: ଥାନାରେ ୨ ମାମଲା



ଖଇରା, ୦୧/୩ (ନି.ପ୍ର): ଖଇରା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସୋର-କୁପାରୀ ରାସ୍ତାରୁ ଗୋଟିଏ ବାଲି ଓ ଅନ୍ୟଏକ ମୋରମ ବୋଝେଇ ଗାଡି ଜବତ କରିଛି । ଉକ୍ତ ଗାଡି ୨ଟି ନାମରେ ୨ଟି ମାମଲା (୫୭/୨୫ ଓ ୫୮/୨୫) ରୁଜୁ କରାଯାଇଛି। ଏବେ କିଛି ଦିନ ଧରି ସୋର-କୁପାରୀ ଓ ରାଣିତାଳ-କୁପାରୀ ରାସ୍ତାରେ କୁପାରି ଓ ବର୍ଣ୍ଣା ରାଜସ୍ୱ କ୍ଷେତ୍ର ଅଧିନ ବେଆଇନ ଭାବେ ମାଙ୍କଡା,ମୋରମ ଚାଲାଣ କରାଯାଉଛି । ସେହିଭଳି ବୈତରଣୀ ନଦୀରୁ ବାଲି ମଧ୍ୟ ଉପରୋକ୍ତ ରାସ୍ତାରେ ବହୁଳ ଭାବରେ ଚୋରାରେ ଚାଲାଣ କରାଯାଉଛି । ପୁର୍ବରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏସବୁ ବେଆଇନ କାର୍ଯ୍ୟକୁ ଅଣଦେଖା କରି ଆସୁଥିଲା। ଏବେ ନୂଆକରି ଆସିଥିବା ଥାନା ଅଧିକାରୀଙ୍କ ଦ୍ୱାରା ପ୍ରଥମ ପଦକ୍ଷେପ ଭାବେ ଏହି ବେଆଇନ ପରିବହନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ୨ଟି ଗାଡିକୁ ଜବତ କରାଯାଇଛି ।

## ସୁରେଶ ପନ୍ତ ନୂଆ ପିସିସିଏଫ୍

ଭୁବନେଶ୍ୱର , ୦୧/୩ (ନି.ପ୍ର): ୧୯୯୦ ବ୍ୟାଚ୍ ର ଆଇଏଫଏସ୍ ଅଧିକାରୀ ସୁରେଶ ପନ୍ତଙ୍କୁ ନୂଆ ପିସିସିଏଫ୍ ଭାବେ ନିଯୁକ୍ତି ମିଳିଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ପିସିସିଏଫ୍ ଦେବୀଦତ ବିଶ୍ୱାଳ ଅବସର ନେବା ପରେ ତାଙ୍କ ସ୍ଥାନରେ ସୁରେଶ ପନ୍ତଙ୍କୁ ନିଯୁକ୍ତି ଦିଆଯାଇଛି।

# ବାଲେଶ୍ୱର ପୌରାଂଚଳର ୨୮ନଂ ୱାର୍ଡରେ ଦୁଇଟି ଜନକଲ୍ୟାଣ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୦୧/୩ (ନି.ପ୍ର): ପୂର୍ବ ପ୍ରତିଶୃତି ଅନୁଯାୟୀ ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ମାନସ କୁମାର ଦତ୍ତ ଅବିରତ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ବାଲେଶ୍ୱର ପୌରପାଳିକାର ୨୮ନଂ ୱାର୍ଡରେ ଦୁଇଟି ଜନକଲ୍ୟାଣକାରୀ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଦେଇଛନ୍ତି ବିଧାୟକ ଶ୍ରୀ ଦତ୍ତ । ଏଥି ମଧ୍ୟରେ ରାଜ୍ୟ ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମାଧ୍ୟମରେ ସଦର ପଂଚାୟତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଦରଜୀପୋଖରୀ କାଳୀ ମଣ୍ଡପର ଉନ୍ନତିକରଣ ଏବଂ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସ୍ଥାନୀୟ ଆଦିବାସୀଙ୍କ ଜାହିରା ପୀଠର ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଥିଲେ । ସମସ୍ତ ପ୍ରକଳ୍ପକୁ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ୨୮ନଂ ୱାର୍ଡ଼ କାଉନସିଲର ଗୌରୀ ଦାଶ ଉପସ୍ଥିତ ରହି ଜନସାଧାରଣଙ୍କ ଆବଶ୍ୟକତା ପୂରଣରେ ବିଧାୟକଙ୍କ ଉଦ୍ୟମ ପାଇଁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ରାଉତ, ସର୍ବେଶ୍ୱର ପାତ୍ର, ପୂର୍ବତନ କାଉନସିଲର ଜୟ ପ୍ରକାଶ ଦାଶ, ଧୀରଜ ମହାନ୍ତି, ଦୁର୍ଗା ବେହେରା, ସୌଭାଗ୍ୟ ମାନସ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ସସ୍ମିତା ଶୁକ୍ଲା, ଗୋଲକ ପାତ୍ର, ପୂର୍ଣ ଚନ୍ଦ୍ର ସିଂ, ବିବେକାନନ୍ଦ ରାଉତ, ଦୀପକ ମହାନ୍ତି, ପ୍ରଭାତ ସାହୁ, ରାମଦାସ ମାଝୀ, ଜିତା ମାଝୀ, ପ୍ରକାଶ ମହାନ୍ତି, ରବୀନ୍ଦ୍ର ବାରିକ ପ୍ରମୁଖ ସ୍ଥାନୀୟ ଅଂଚଳବାସୀ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବରିଷ୍ଠ ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୀଳଗିରି, ୦୧/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ବରିଷ୍ଠ ଫାର୍ମାସିଷ୍ଟ କାର୍ତ୍ତିକ ଚନ୍ଦ୍ର ଓତାଙ୍କୁ ଉପଖଣ୍ଡ ଚିକିତ୍ସାଳୟପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନକରାଯାଇଛି। କାର୍ତିକ ନିଜର କର୍ମମୟ ଜୀବନ୧୯୯୦ ମସିହାରେ ଭଦ୍ରକ ଜିଲ୍ଲା ତିହିଡି ଚିକିତ୍ସାଳୟରୁ ଆରମ୍ଭ କରିଥିବାବେଳେ ୧୦ବର୍ଷ ହେବ ନିରବଚ୍ଛିନ୍ନ ଭାବରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ସମୟାନୁବର୍ତିତ ଓ କର୍ମନିଷ୍ଠ କର୍ମଚାରୀ ଥିଲେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଓ ସରୋଜିନୀ ପ୍ରଧାନ, ସରୋଜ ପାଣିଗ୍ରାହୀ, ସଂଯୁକ୍ତା ପାତ୍ର, ଗଣେଶ୍ୱର ଜେନା, ମଦନମୋହନ ଦାସ, କଟିଆ ନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ବ୍ଲଡ ବ୍ୟାଙ୍କରୁ ହୋଇଥିବା ଚୋରି ସାମଗ୍ରୀ ଜବତ

ଜୟପୁର, ୦୧/୩ (ନି.ପ୍ର): ଗତ ୨୦ ତାରିଖରେ ଜୟପୁର ପୁଣା ବ୍ଲଡ ବ୍ୟାଙ୍କରେ ଥିବା ବିଭିନ୍ନ ଚୋରି ସାମଗ୍ରୀକୁ ଜବତ କରିବାରେ ସଫଳ ହୋଇଛି ଟାଉନ ପୁଲିସ। ଗତ ୨୦ ତାରିଖରେ ଜୟପୁର ବ୍ଲଡ ବ୍ୟାଙ୍କରେ ଲାଗିଥିବା ୫ଟି ଏସି, ୨ଟି ଇନଭର୍ଟର ବ୍ୟାଟେରି, ୮ଟି ଷ୍ଟିଲ ପାଣି ଟ୍ୟାପ, ୪ଟି ଲୁହା ଚେୟାର ଚୋରି ହୋଇଥିବା ନେଇ ବ୍ଲଡ ବ୍ୟାଙ୍କ ଅଧିକାରୀ ଏସ.ଏସ ମିଶ୍ର ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ କୁ ଭିତି କରି ଆଜି ଟାଉନ ପୁଲିସ ବାପୁଜି ନଗର ଅଂଚଳର ଅଶୋକ ହନ୍ତାଳ, ଗୋପବନ୍ଧୁ ନଗର ଅଂଚଳର ରବିନ୍ଦ୍ର ବାଘ ଓ ମିଲ ସାହି ଅଂଚଳର ରାଜା ଚୌଧୁରୀକୁ ଧରିବାରେ ସଫଳ ହୋଇଛି। ପୁଲିସ ଅଭିଯୋଗକୁ ଭିତିକରି ଜୟପୁର ସହରରେ ଥିବା ୧୦ଟି କବାଡି ଦୋକାନ ବୁଲିବା ପରେ ଅଭିଯୁକ୍ତ ରବିନ୍ଦ୍ର ଓ ଅଶୋକ ହନ୍ତାଳ ବ୍ଲଡ ବ୍ୟାଙ୍କରୁ ଚୋରି କରିଥିବା ମାନିଥିଲେ। ଦୁଇଜଣ ଅଭିଯୁକ୍ତ ଦୈନିକ ବଜାର ନିକଟରେ ଥିବା କବାଡି ଦୋକାନ ମାଲିକ ରାଜା ଚୌଧୁରୀକୁ ବିକ୍ରି କରିଥିଲେ। ପୁଲିସ କବାଡି ଦୋକାନରୁ ଦୁଇଟି ଇନଭର୍ଟର ବ୍ୟାଟେରି,୫ କେଜି ତମ୍ବା ତାର, ୫ଟି ଷ୍ଟିଲ ଟ୍ୟାପ, ୫ଟି ଆଇରନ ଲୁହାଛଡ, ଓ ୩୨ ଇଂଚ ଏଲଇଡି ଟିଭି ଜବତ କରିଛି।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor: Srustidhar Parida